ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.108 Bhubaneswar Friday June 02 2023 | ୨୬ତମ ବର୍ଷ ସଂଖ୍ୟା-୧୦୮ ଭୁବନେଶ୍ବର ଶୁକ୍ରବାର, ଜୁନ ୦୨, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ବିଶ୍ୱ ପାଣିପାଗ ସଂଗଠନର ଉପାଧ୍ୟକ୍ଷ ହେଲେ ମୃତ୍ୟୁଞ୍ଜୟ ମହାପାତ୍ର

ଭୁବନେଶ୍ବର, ୧ ।୬(ପି.ଏନ): ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ତଥା ଓଡିଆ ପୁଅ ଡ. ମୃତ୍ୟୁଞ୍ଜୟ ମହାମାପାତ୍ରଙ୍କୁ ମିଳିଛି ବଡ ଦାୟିତ୍ୱ। ସେ ବିଶ୍ୱ ପାଣିପାଗ ସଂଗଠନ (WMO)ର ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ସଂଗଠନର ତୃତୀୟ ଉପାଧ୍ୟକ୍ଷ ପଦ ପାଇଁ ନିର୍ବାଚନ ହୋଇଥିଲା।ଏଥିରେ ମୃତ୍ୟୁଞ୍ଜୟ ମହାପାତ୍ର ମୋଟ ୧୪୮ରୁ ୧୧୩ ଭୋଟ ପାଇ ବିଜୟୀ ହୋଇଛନ୍ତି। ତଗଙ୍କର ୩ଜଣ ଉପାଧ୍ୟକ୍ଷଙ୍କ ମଧ୍ୟରେ ମୃତ୍ୟୁଞ୍ଜୟ ସ୍ଥାନ ପାଇଛନ୍ତି।ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଟ୍ୱିଟ କରି ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଏଥିସହ ପୂରା ଭାରତ ପାଇଁ ଏହା ଗର୍ବର ବିଷୟ ଓ ଏଥିପାଇଁ ସମସ୍ତଙ୍କୁ ଶୁଭେଚ୍ଛା ବୋଲି ବିଭାଗ କହିଛି।



## ରାଜ୍ୟରେ ପାୱାର କଟ୍ ହେଉନି ବୋଲି ଦୋହରାଇଲେ ଶକ୍ତି ମନ୍ତ୍ରୀ

ଭୁବନେଶ୍ବର, ୧ ।୬(ପି.ଏନ): ରାଜ୍ୟରେ ବିଭିନ୍ନ ସ୍ଥାନରେ ଅନେକ ସମୟ ଧରି ଲାଇନ କାଟ ହେଉଥିବା ସମ୍ପର୍କିତ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି ରାଜ୍ୟର ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ । ରାଜ୍ୟରେ ପାୱାର କଟ୍ ହେଉନି ବୋଲି ସେ ଦୋହରାଇଛନ୍ତି । ସେ କହିଛନ୍ତି ଯେ ପାୱାର କଟ ଶବ୍ଦ ଓଡ଼ିଶାର ଗଣ ମାଧ୍ୟମ ବ୍ୟବହାର କରିବା ହିଁ ଭୁଲ । ପାୱାର କଟ ଅର୍ଥାତ ଆମ ପାଖରେ କମ ବିଜୁଳି ଅଛି ତାକୁ ଆମେ କାଟିକି କମ ସମୟ ଦେଉଛୁ । ବର୍ତ୍ତମାନ ଯେଉଁ କିଛି ସ୍ଥାନରେ ୨ କି ୪ ଘଣ୍ଟା ପାଇଁ ଲାଇନ ରହୁନି ସେଇଟା ଯାନ୍ତିକ ତ୍ରୁଟି ପାଇଁ ହେଉଛି । କାଳ ବୈଶାଖୀ, ଓଭର ଲୋଡିଂ, ଟ୍ରାନ୍ସଫରମର ପୋଡ଼ିଯିବା କାରଣ ରୁ ହେଉଛି । କେଉଁଠି ଯାଇଥିବ ମୁଁ ମନା କରୁନି କିନ୍ତୁ ତାହା ଯାନ୍ତ୍ରିକ ତ୍ରୁଟି ପାୱାର କଟ ନୁହେଁ ।

## କଟକ ସହରରେ ବିପଦରେ ଜୀବନ, ପ୍ଲେଜର ଟ୍ରିପରେ ମେୟର ଯିବେ ସିଙ୍ଗାପୁର



କଟକ, ୧ ।୬(ପି.ଏନ): ସମସ୍ତଙ୍କ ଆଖି ସାମ୍ନାରେ କଟକ ସହରରେ ବେପରୁଆ ଢଙ୍ଗରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ଯୋଗୁ ଅକାଳରେ ଦୁଇଟି ମୂଲ୍ୟବାନ ଜୀବନ ଚାଲିଯାଇଛି। ଏବେବି ବିପଦଶଙ୍କୁଳ ଅବସ୍ଥାରେ ସହରରେ ଅନେକ ସ୍ଥାନରେ ଡ୍ରେନ ମୁକୁଳା ହୋଇ ରହିଥିବାବେଳେ ଯେଉଁ କିଛି ସ୍ଥାନରେ କାର୍ଯ୍ୟ ଚାଲିଛି, ତାହା ଅତ୍ୟନ୍ତ ଅସୁରକ୍ଷିତ ଢଙ୍ଗରେ ଚାଲିଥିବାବେଳେ କଟକ ମହାନଗର ନିଗମ ସେଥିପ୍ରତି ଆଖି ବୁଜି ଦେଇଛି। ଆଉ ଏପଟେ କଟକ ମେୟର ସୁବାସ ସିଂ ଛୁଟି ବିତାଇବା ପାଇଁ ଆସନ୍ତା ୩ ତାରିଖରୁ ସିଙ୍ଗାପୁର ଗସ୍ତରେ ଯାଉଥିବା ଜଣାପଡିଛି। ବର୍ଷା ଦିନ ପୂର୍ବରୁ କଟକ ସହରର ମୁକୁଳା ଡ୍ରେନ ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟକୁ ସାରିବା ପ୍ରଶାସନ ପାଖରେ ଚ୍ୟାଲେଞ୍ଜ ପାଲଟିଥିବାବେଳେ ମେୟରଙ୍କ ସିଙ୍ଗାପୁର ଗସ୍ତକୁ ନେଇ ସହରରେ ତୀବ୍ର ଅସନ୍ତୋଷ ଦେଖାଦେଇଥିବା ଚର୍ଚ୍ଚା। ସୂଚନା ଅନୁସାରେ, କଟକର କେଶରପୁର ଅଂଚଳରେ ମୁକୁଳା ଡ୍ରେନରେ ପଡି ଯୁକ୍ତ ଦୁଇ ଛାତ୍ରୀ ଏନ୍ ମୋହିନୀ ପ୍ରାଣ ହରାଇବା ଘଟଣାରେ ରାଜ୍ୟ ସରକାର ଗତକାଲି ୨ଜଣ ଯନ୍ତ୍ରୀଙ୍କୁ ନିଲମ୍ବିତ କରିଥିଲେ ମଧ୍ୟ ଏବେବି ସେହି ସ୍ଥାନରେ ଡ୍ରେନ ବିପଦପୂର୍ଣ୍ଣ ଢଙ୍ଗରେ ମୁକୁଳା ହୋଇ ରହିଛି । ନିର୍ମାଣ କାର୍ଯ୍ୟ ଚାଲିଥିବା ରାସ୍ତାରେ ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା କରିବାକୁ ମହାନଗର ନିଗମ ଏପର୍ଯ୍ୟନ୍ତ ପଦକ୍ଷେପ ନେଇନି । ଓଲଟା ଲୋକଙ୍କ ଆକ୍ରୋଶରୁ ବର୍ତ୍ତିବା ପାଇଁ ମେୟର ଶ୍ରୀ ସିଂ ତରବରିଆ ଭାବେ ମୋହିନୀଙ୍କ ପରିବାରକୁ ୧୦ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରି ନିଜର ଦାୟିତ୍ୱ ଶେଷ କରିଛନ୍ତି।

## ସମୁଦ୍ରରେ ବୁଡି ଜଣେ ଛାତ୍ରୀ ମୃତ, ଜଣେ ନିଖୋଜ

ଗଞ୍ଜାମ, ୧ ।୬(ପି.ଏନ): ଗଞ୍ଜାମ ଜିଲ୍ଲା ଛତ୍ରପୁର ଥାନା ଅନ୍ତର୍ଗତ ଆର୍ଯ୍ୟପଲ୍ଲୀ ଗାଁ ନିକଟ ସମୁଦ୍ରରେ ଗାଧୋଉଥିବା ବେଳେ ଦୁଇ ଜଣ ଛାତ୍ରୀ ବୁଡି ଯାଇଥିଲେ । ସେମାନଙ୍କ ମଧ୍ୟରୁ ଜଣକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ନିଖୋଜ ଅଛନ୍ତି । ଯାତ୍ରା ଦେଖିବାକୁ ମାମୁଁଘରକୁ ୫ ଜଣ ସାଙ୍ଗ ହୋଇ ଆସିଥିବା ବେଳେ ଆଜି ସକାଳେ ସେମାନେ ସମୁଦ୍ରକୁ ଗାଧୋଇବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଛି। ଖବର ପାଇ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଂଚି ନିଖୋଜ ଛାତ୍ରୀଙ୍କୁ ଖୋଜାଖୋଜି କରୁଛି । ତେବେ ଖବର ଲେଖାଯିବା ସୁଦ୍ଧା ନିଖୋଜ ଛାତ୍ରୀଙ୍କ କୌଣସି ସନ୍ଧାନ ମିଳିନାହିଁ।

## ଘଟଗାଁ ତହସିଲ କାର୍ଯ୍ୟାଳୟର ଜୁନିଅର ରେଭିନ୍ୟୁ ଆସିଷ୍ଟାଂଟ ଭିଜିଲାନ୍ସ ଜାଲରେ

ଘଟଗାଁ, ୧ ।୬(ପି.ଏନ): ଭିଜିଲାନ୍ସ ଜାଲରେ ପଡିଛନ୍ତି ଘଟଗାଁ ତହସିଲ କାର୍ଯ୍ୟାଳୟର ଜୁନିଅର ରେଭିନ୍ୟୁ ଆସିଷ୍ଟାଂଟ ଦେବାଶିଷ ପଣ୍ଡା। ପଟ୍ଟା ପାର୍ଟିସନ୍ ପାଇଁ ସେ ଆଜି ଜଣକ ଠାରୁ ୧୦ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀ ମାନଙ୍କ ହାତରେ ଧରାପଡିଛନ୍ତି । ଭିଜିଲାନ୍ସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

## କାଲି ଓଜେଇଇ ରେଜଲ୍ଟ

ଭୁବନେଶ୍ବର, ୧ ।୬(ପି.ଏନ): ଆସନ୍ତାକାଲି ପ୍ରକାଶ ପାଇବ ଓଡିଶା ଜେଇଇ ରେଜଲ୍ଟ। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଓଜେଇଇ ରେଜଲ୍ଟ ବାହାରିବ। ପରିକ୍ଷାର୍ଥୀମାନେ ଓଜେଇଇର ୱେବସାଇଟରୁ ରେଜଲ୍ଟ ଜାଣିପାରିବେ। ଗତ ମେ' ୮ରୁ ମେ' ୧୫ ପର୍ଯ୍ୟନ୍ତ କମ୍ପ୍ୟୁଟର ବେସଡ୍ ଟେଷ୍ଟ ମାଧ୍ୟମରେ ପରୀକ୍ଷା ହୋଇଥିଲା । ଛାତ୍ରଛାତ୍ରୀମାନେ ଲାଟେରାଲ ଏଂଟ୍ରି, ବି ଫାର୍ମ, ଏମ୍ ଫାର୍ମ, ଏମବିଏ ଓ ଏମସିଏ ଆଦି ବିଷୟରେ ପରୀକ୍ଷା ଦେଇଥିଲେ। ରାଜ୍ୟ ଭିତରେ ୪୦ଟି ଓ ରାଜ୍ୟ ବାହାରେ ୩ଟି ମୋଟ ୪୩ଟି ପରୀକ୍ଷା କେନ୍ଦ୍ରରେ ହୋଇଥିଲା ପରୀକ୍ଷା। ପ୍ରାୟ ୫୬ ହଜାର ପିଲା ପରୀକ୍ଷା ଦେଇଥିଲେ। ଆସନ୍ତାକାଲି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଆନୁଷ୍ଠାନିକ ଭାବେ ରେଜଲ୍ଟ ଘୋଷଣା କରିବେ।

## ରାଜ୍ୟପାଳଙ୍କ ଦ୍ୱାରା ଡ. ଅଚ୍ୟୁତ ସାମନ୍ତଙ୍କୁ 'ମାନବବାଦର ମହାନାୟକ' ସମ୍ମାନ ପ୍ରଦାନ

ଭୁବନେଶ୍ବର, ୧ ।୬(ପି.ଏନ): ପ୍ରତ୍ୟେକଙ୍କୁ ପ୍ରେମ କରିବା, ସ୍ୱୀକାର କରିବା, ସମ୍ମାନ ଦେବା ଓ ଆପଣେଇବା ହେଉଛି ଶ୍ରେଷ୍ଠ ଜୀବନାଦର୍ଶ। ନିଜ ଜୀବନକୁ ଆନନ୍ଦମୟ କରିବା ସହିତ ସମାଜ ପାଇଁ ଆନନ୍ଦର କାରଣ ହେବାରେ ଅଛି ଜୀବନର ସାର୍ଥକତା ବୋଲି ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି ।ଗୁରୁବାର ରାଜଭବନରେ ଓଡ଼ିଶା ସଚେତନ ନାଗରିକ ଫୋରମ୍ ଓ ସଂସ୍କୃତି ଓ ସଂସ୍କୃତି ପକ୍ଷରୁ ଆୟୋଜିତ ଡ. ଅଚ୍ୟୁତ ସାମନ୍ତଙ୍କୁ ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟପାଳ ପ୍ରଫେସର ଲାଲ କହିଲେଯେ ଡ. ସାମନ୍ତଙ୍କ ସାଧନା ଓ ସିଦ୍ଧି ଖୁବ୍ ପ୍ରେରଣାଦାୟୀ। ସେ ଶୁଦ୍ଧ ଚେତନାର ଏକ ପ୍ରତୀକ। ନିଜର କର୍ମ ମାଧ୍ୟମରେ ସେ ପୃଥିବୀରେ ଶାଶ୍ୱତ ଭାବର ପ୍ରବାହ ସୃଷ୍ଟି କରିପାରିଛନ୍ତି। 'ଆର୍ଟ ଅଫ୍ ଗିଭିଙ୍ଗ୍' ମାଧ୍ୟମରେ ସେ ପ୍ରେମ, କରୁଣା ଓ ମାନବିକତାର ଶୁଦ୍ଧ ବାତାବରଣ ସୃଷ୍ଟି କରିଛନ୍ତି ଯାହାର ମୂଲ୍ୟ ମୂଲ୍ୟାତୀତ। ଡ. ସାମନ୍ତଙ୍କ ଅଙ୍ଗୀକାର ଓ ପ୍ରତିବଦ୍ଧତା ଆଦର୍ଶ ସ୍ଥାନୀୟ ବୋଲି ରାଜ୍ୟପାଳ କହିଥିଲେ। ଉତ୍ସବରେ ଡ. ଅଚ୍ୟୁତ ସାମନ୍ତଙ୍କୁ ସମ୍ବର୍ଦ୍ଧିତ କରିବା ସହ 'ମାନବବାଦର ମହାନାୟକ' ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧନାର ଉତର ଦେଇ 'ଆର୍ଟ ଅଫ୍ ଗିଭିଙ୍ଗ୍'ର ପ୍ରତିଷ୍ଠାତା ଓ ପ୍ରସାରକ ଡ. ସାମନ୍ତ କହିଲେ ଯେ ନିଜର ସଂଘର୍ଷମୟ ଜୀବନ ହିଁ ତାଙ୍କର ପ୍ରେରଣା ଓ ଭଗବାନ ସାକ୍ଷାତ ସେବା ପାଇଁ ତାଙ୍କୁ ମାଧ୍ୟମ କରିଛନ୍ତି। ସଂପ୍ରତି ପୃଥିବୀରେ ୧୨୦ଟି ଦେଶରେ ଆର୍ଟ ଅଫ୍ ଗିଭିଙ୍ଗ୍‌ର ବାର୍ତ୍ତା ସଂପ୍ରସାରିତ। ସାଧାରଣ ଲୋକମାନଙ୍କ ସ୍ୱତଃସ୍ଫୁର୍ତ୍ତ ସହଯୋଗ ଓ ସଦିଚ୍ଛା ବେଶ୍ ଉତ୍ସାହପ୍ରଦ। ଆର୍ଟ ଅଫ୍ ଗିଭିଙ୍ଗ୍ ଏକ ସାମାଜିକ ଆନ୍ଦୋଳନର ରୂପ ନେଇଥିବାରୁ ସେ ବିଶେଷ ଭାବେ ଉତ୍ସାହିତ ବୋଲି ଡ. ସାମନ୍ତ ପ୍ରକାଶ କରିଥିଲେ।ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଓ ସଂସ୍କୃତିବିତ୍ ଦିଲ୍ଲୀପ ହାଲି କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେବା ସହ ଆର୍ଟ ଅଫ୍ ଗିଭିଙ୍ଗ୍‌ର ସକାରାତ୍ମକ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍ସବରେ ସନ୍ଥ ରାମନାରାୟଣ ଦାସଜୀ ମହାରାଜଙ୍କ ସମେତ ସମାଜର ବିଭିନ୍ନ ବର୍ଗର ଲୋକମାନେ ଉପସ୍ଥିତ ଥିଲେ। ଲୁଟୁ ମହାନ୍ତି, ତନ୍ମୟ ସ୍ୱାଇଁ, ମୃତ୍ୟୁଞ୍ଜୟ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ରୋଗ ଶଯ୍ୟାରେ ପୃଥିବୀ: ଭବିଷ୍ୟତ ପିଢ଼ିଙ୍କ ପାଇଁ ବିପଦ ସୃଷ୍ଟି କରୁଛି ମଣିଷ

ଭୁବନେଶ୍ବର, ୧ ।୬(ପି.ଏନ): ପୃଥିବୀ ଏବେ ବିପଦ ଜୋନ ମଧ୍ୟରେ ରହିଛି। ରୋଗଗ୍ରସ୍ତ ହୋଇ ପଡିଛି ପୃଥିବୀ। ପୃଥିବୀର ସୁରକ୍ଷା ପାଇଁ ଧାର୍ଯ୍ୟ ହୋଇଥିବା ୮ଟି ମୁଖ୍ୟ ନିୟନ୍ତ୍ରଣ ରେଖା ମଧ୍ୟରୁ ୭ଟି ତା'ର ଧାର୍ଯ୍ୟ କ୍ଷମତାକୁ ଅତିକ୍ରମ କରି ସାରିଲେଣି। ଗୋଟିଏ ପରେ ଗୋଟିଏ ସୁରକ୍ଷା ସୀମା ଟପୁଥିବାରୁ ପୃଥିବୀ ଏବେ ରୋଗ ଶଯ୍ୟାରେ ପଡିଛି। ଏହା ଦ୍ୱାରା ଭବିଷ୍ୟତ ପି?ଙ୍କ ପାଇଁ ବିପଦ ସୃଷ୍ଟି ହେଉଛି। ଅନ୍ତର୍ଜାତୀୟ ସ୍ତରର ପ୍ରାକୃତି ଓ ସାମଜିକ ବୈଜ୍ଞାନିକମାନଙ୍କୁ ନେଇ ଗଠିତ ଆର୍ଥ କମିଶିନ ତା' ରିପୋର୍ଟରେ କହିଛି ଯେ ମାନବ ସମାଜ ଏବେ ବିଶାଳ ଓ ବଡ ବଡ ରିସ୍କ ନେବାରେ ଲାଗିଛି। ବିକାଶ ନାଁରେ ପୃଥିବୀକୁ କ୍ଷତି ପହଞ୍ଚାଇବାରେ ଲାଗିଛି।





ମଣିଷମାନଙ୍କର ଏପରି ଆଭିମୁଖ୍ୟ ଭିବଷ୍ୟତ ପିଢ଼ି ଓ ପୃଥିବୀରେ ବସବାସ କରୁଥିବା ସମସ୍ତ ଜୀବସତ୍ତା ପ୍ରତି ବିପଦ ସୃଷ୍ଟି କରିବାରେ ଲାଗିଛି ।ଜର୍ଣ୍ଣାଲ ନେଚ଼ରରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ ମଣିଷ ସମାଜ ଏବେ ମହାପ୍ରଳୟ ଆଡକୁ ଟାଣି ହୋଇଗଲାଣି। ମଣିଷର ଚ଼ାପ ଯୋଗୁ ପୃଥିବୀର ସ୍ଥିର ବ୍ୟବସ୍ଥା ଅସ୍ଥିର ବାତାବରଣ ମଧ୍ୟକୁ ଠେଲି ହୋଇଯାଉଛି।

## ଗୋରେଗାଓଁରେ ୫୧ ଲକ୍ଷ ଟଙ୍କାର ନିଶା ସହିତ ଦୁଇଜଣ ଗିରଫ

ମୁମ୍ବାଇ, ୧ ।୬(ପି.ଏନ): ମୁମ୍ବାଇ ପୁଲିସର ଏନଟି ନାରକୋଟିକ୍ସ ସେଲ (ଏଏନସି) ର ଟିମ୍ ଗୋରେଗାଓଁର ସନ୍ତୋଷ ନଗରରେ ୫୧ ଲକ୍ଷ ଟଙ୍କାର ଡ୍ରଗ୍ସ ସହିତ ଦୁଇଜଣଙ୍କୁ ଗିରଫ କରିଛି। ଧରାପଡ଼ିଥିବା ଦୁଇଜଣ ସେହି ଅଂଚଳରେ ଡ୍ରଗ୍ସ ସପ୍ଲାଏ କରୁଥିଲେ ।ପୁଲିସ କହିବା ଅନୁସାରେ ଏଏନସି ର ଟିମ୍ ଗୁପ୍ତ ସୂଚନା ଆଧାରରେ ଗୋରେଗାଓଁ ସ୍ଥିତ ସନ୍ତୋଷ ନଗରରେ ବୁଧବାର ଦିନ ରାତିରେ ମନିଟରିଂ କରୁଥିଲେ । ଯେମିତି ଦୁଇଜଣ ସନ୍ଦିଗ୍ଧଙ୍କୁ ଏଏନସି ଟିମ୍ ଦେଖିଥିଲେ ସେତେବେଳେ ତାଙ୍କୁ ଅଟକାଇଥିଲେ । ଦୁଇଜଣଙ୍କୁ ତଲାସୀ ପରେ ଏଏନସି ଅଧିକାରୀମାନେ ୨୫୫ ଗ୍ରାମର ମେଫେଡ୍ରୋନ ଉଦ୍ଧାର କରିଥିଲେ ଯାହା ଭ୍ୟାଉ ଭ୍ୟାଉ ରୂପରେ ଜଣାଯାଏ ଯାହାର ମୂଲ୍ୟ ପାଖାପାଖି ୫୧ ଲକ୍ଷ ଟଙ୍କା ହେବ । ଦୁଇଜଣ ଏଏନସି ଟିମକୁ କହିଛନ୍ତି ଯେ, ସହର ଏବଂ ଉପନଗରରେ ତାଙ୍କ ଗ୍ରାହକଙ୍କୁ ମାଦକ ପଦାର୍ଥ ବିକିବାକୁ ଚେଷ୍ଟା କରୁଥିଲେ।

## ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଜାରି ରହିବ କାଳବୈଶାଖୀ ବର୍ଷା !

ଭୁବନେଶ୍ବର, ୨ ।୬(ପି.ଏନ): ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଜାରି ରହିବ କାଳବୈଶାଖୀ ବର୍ଷା। ଏ ନେଇ ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଆସନ୍ତା ୨୪ ଘଣ୍ଟା ଭିତରେ ଗଜପତି, ଗଂଜାମ, କନ୍ଧମାଳ, ରାୟଗଡା ଜିଲ୍ଲାରେ କାଳବୈଶାଖୀ ବର୍ଷା ସମ୍ଭାବନା ରହିଛି। ଏଥିସହ ଗଜପତି, ଗଂଜାମ, କନ୍ଧମାଳ, ରାୟଗଡା, କୋରାପୁଟ, ପୁରୀ, ନୟାଗଡ, ଖୋର୍ଦ୍ଧା, କଟକ ଓ ଜଗତସିଂହପୁର ଜିଲ୍ଲାରେ ମଧ ଘଡଘଡି ସହ ବର୍ଷା ଏବଂ ୩୦ରୁ ୪୦ କିମି ବେଗରେ ପବନ ବହିବା ସମ୍ଭାବନା ରହିଛି ।ଆସନ୍ତାକାଲି ଓ ଜୁନ ୩ ତାରିଖରେ ଉପକୂଳ ଓଡିଶା ଏବଂ ଆଭ୍ୟନ୍ତରୀଣ ଓଡିଶାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ସମ୍ଭାବନା ରହିଛି। ତେବେ ୪ ଏବଂ ୫ ତାରିଖରେ କାଳବୈଶାଖୀ ପ୍ରଭାବ ପୁଣି ବ?ିପାରେ। ଏବେ ଦିନର ତାପମାତ୍ରାରେ ବିଶେଷ କିଛି ପରିବର୍ତ୍ତନ ହେବାର ନାହିଁ। ଆଭ୍ୟନ୍ତରୀଣ ଓଡିଶାର କିଛି ସ୍ଥାନରେ ତାପମାତ୍ରା ୪୨ ଡିଗ୍ରୀ କିମ୍ବା ତାହାଠୁ ଅଧିକ ରହିପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

## ନେପାଳର ପ୍ରଧାନମନ୍ତ୍ରୀ ପ୍ରଚଣ୍ଡ ରାଷ୍ଟ୍ରପତି ମୁର୍ମୁ ଏବଂ ଉପରାଷ୍ଟ୍ରପତି ଧନଖଡ଼ଙ୍କ ସହିତ ଭେଟିଲେ

ନୂଆଦିଲ୍ଲୀ, ୧ ।୬(ପି.ଏନ): ନେପାଳର ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦାହାଲ ପ୍ରଚଣ୍ଡ ଗୁରୁବାର ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଉପରାଷ୍ଟ୍ରପତି ଜଗଦୀଶ ଧନଖଣ୍ଡଙ୍କ ସହିତ ସାକ୍ଷାତ କରିଛନ୍ତି । ନେପାଳ ଭାରତ ପାଇଁ ପ୍ରାଥମିକତାରେ ଥିବା ରାଷ୍ଟ୍ରପତି କହିଛନ୍ତି । ସେ କହିଛନ୍ତି ଯେ, ବର୍ଷ ବର୍ଷ ଧରି ଭାରତ-ନେପାଳ ଦୁଇଜଣଙ୍କ ମଧ୍ୟରେ ସହଯୋଗ ମଜବୁତ ହୋଇଛି । ରାଷ୍ଟ୍ରପତିଙ୍କ ସଚିବାଳୟ ପକ୍ଷରୁ କୁହା ଯାଇଛି ଯେ, ରାଷ୍ଟ୍ରପତି ମୁର୍ମୁ ପ୍ରଧାନମନ୍ତ୍ରୀ ପ୍ରଧାନଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ, ଭାରତ ସହିତ ଦୀର୍ଘ ଦିନର ସଭଭାଗିତା ଏବଂ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ଭାରତ-ନେପାଳ ଦ୍ୱିପାକ୍ଷିକ ସମ୍ପର୍କରେ ଭାରତ ଏକ ସକରାତ୍ମକ ଏଜେଣ୍ଡାକୁ ଅପେକ୍ଷା କରିଛି। ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ଦୃଢ଼ ବନ୍ଧନକୁ ଆହୁରି ମଜବୁତ କରିବ ବୋଲି ସେ ଆତ୍ମବିଶ୍ୱାସ ପ୍ରକାଶ କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି ଯେ, ନିକଟ ଅତୀତରେ ଭାରତ-ନେପାଳ ଦ୍ୱିପାକ୍ଷିକ ସହଯୋଗ ଆହୁରି ମଜବୁତ ହୋଇଛି। କୋଭିଡ୍-୧୯ ମହାମାରୀର କଷ୍ଟ ସମୟରେ ମଧ୍ୟ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଜାରି ରହିଛି।

## ସି ଫୁଡ୍ କମ୍ପାନୀ ଫାଲକନ୍ ମେରାଇନ ଏକ୍ସପର୍ଟସ କମ୍ପାନୀରେ ଆୟକର ବିଭାଗର ଚଢ଼ଉ

ଭୁବନେଶ୍ବର, ୧ ।୬(ପି.ଏନ): ସି ଫୁଡ୍ କମ୍ପାନୀ ଫାଲକନ୍ ମେରାଇନ ଏକ୍ସପର୍ଟସ ଲିମିଟେଡ କମ୍ପାନୀରେ ଆଜି ଆୟକର ବିଭାଗ ପକ୍ଷରୁ ଅତର୍କିତ ଚଢ଼ଉ କରାଯାଇଛି । ଏହାର ଅନ୍ୟ ଗ୍ରୁପ କମ୍ପାନୀ ଗୁଡିକ ଉପରେ ମଧ ଏହି ଚଢ଼ଉ ହୋଇଛି । କମ୍ପାନୀର ପ୍ରମୋଟର ମାନଙ୍କ ଘରେ ମଧ ଚଢ଼ଉ ହୋଇଛି । ଟିକସ ଫାଙ୍କିବା ଅଭିଯୋଗରେ ଏହି ଚଢ଼ଉ କରାଯାଇଛି । ଏହାର ମାଲିକଙ୍କ ଭୁବନେଶ୍ୱର ଟଙ୍କପାଣି ରୋଡ଼ ସ୍ଥିତ ବାସଭବନ । ଭୁବନେଶ୍ୱର ବମିଖାଲ ସ୍ଥିତ କାର୍ଯ୍ୟାଳୟ ଏବଂ ପଟିଆ, ମଂଚେଶ୍ୱର, ବାଲେଶ୍ୱର ସ୍ଥିତ ଫ୍ୟାକ୍ଟ୍ରି ଓ କାର୍ଯ୍ୟାଳୟରେ ଏକକାଳୀନ ଏହି ଚଢ଼ଉ କରାଯାଇଛି । ସକାଳ ସାଢ଼େ ୬ଟା ଠାରୁ ଚଢ଼ଉ ଜାରୀ ରହିଛି । ଏହି ଚଢ଼ଉରେ ୨୦ଟି ଟିମ୍ ସାମିଲ୍ ହୋଇଛନ୍ତି । ଚଢ଼ଉ ଜାରୀ ରହିଥିବାରୁ ଏନେଇ ସବିଶେଷ ତଥ୍ୟ ମିଳିପାରିନାହିଁ ।

## ଦିଲ୍ଲୀ ଅଧାଦେଶକୁ ନେଇ ଚେନ୍ନାଇରୁ କଂଗ୍ରେସ ନୂଆ ବାର୍ତ୍ତା ଦେଲେ କେଜ୍ରିୱାଲ

ନୂଆଦିଲ୍ଲୀ, ୧ ।୬(ପି.ଏନ): ଦିଲ୍ଲୀ ପାଇଁ କେନ୍ଦ୍ର ସରକାର ଆଣିଥିବା ଅଧାଦେଶ ପ୍ରସଙ୍ଗରେ କଂଗ୍ରେସକୁ ନୂଆ ବାର୍ତ୍ତା ଦେଇଛନ୍ତି ଆପ୍ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ଦିଲ୍ଲୀର ପୋଷ୍ଟିଂ ଓ ବଦଳି ଉପରେ ଉପ ରାଜ୍ୟପାଳଙ୍କ ଅଧିକାର ରହିଛି ବୋଲି କେନ୍ଦ୍ର ସରକାର ଅଧାଦେଶ ଜାରି କରିଥିବା ବେଳେ ଏହାକୁ ସଂସଦରେ ମାତ ଦେବାକୁ କେଜ୍ରିୱାଲ ଉଦ୍ୟମ ଜାରି ରଖିଛନ୍ତି। ଏଥିପାଇଁ ଆଜି ସେ ପୁଣି କଂଗ୍ରେସର ସମର୍ଥନ ଚେନ୍ନାଇରୁ ମାଗିଛନ୍ତି।କଂଗ୍ରେସ ଏହି ପ୍ରସଙ୍ଗରେ ଆପ୍?କୁ ସମର୍ଥନ କରିବ କି ନାହିଁ, ତା'ର ନିଷ୍ପତ୍ତି ଏଯାଏ ନେଇ ନାହିଁ। ହେଲେ କେଜ୍ରିୱାଲ କଂଗ୍ରେସର ସହଯୋଗୀ ଦଳମାନଙ୍କୁ ଅଧାଦେଶ ବିରୋଧୀରେ ଏକାଠି କରିବାରେ



ଲାଗିଛନ୍ତି ।କଂଗ୍ରେସର ମହାରାଷ୍ଟ୍ର ସହଯୋଗୀ ଉଦ୍ଧବ ଠାକରେ ଓ ଭେଟରାନ ରାଜନେତା ଶରଦ ପାୱାରଙ୍କୁ ଭେଟି କେଜ୍ରିୱାଲ ସମର୍ଥନ ହାସଲ କରି ସାରିଛନ୍ତି। ଆଜି ସେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସର ସହଯୋଗୀ ଏମକେ ଷ୍ଟାଲିନଙ୍କୁ ଭେଟିଛନ୍ତି। ଷ୍ଟାଲିନ ମଧ୍ୟ କେଜ୍ରିୱାଲଙ୍କୁ ସମର୍ଥନ କରିବେ ବୋଲି କହିଛନ୍ତି।

## ରାଉରକେଲାରୁ ସମ୍ବଲପୁର ବଦଳି ଲାଗି ୫ ପୁଲିସ ବାବୁଙ୍କ ଆବେଦନକୁ ନେଇ ଚର୍ଚ୍ଚା ବଢିଲା

ରାଉରକେଲା, ୧ ।୬(ପି.ଏନ): ରାଉରକେଲା ପୁଲିସ ଜିଲ୍ଲାରେ ଥିବା ୫ ପୁଲିସ ଅଧିକାରୀ ନିକଟରେ ସମ୍ବଲପୁର ପୁଲିସ ଜିଲ୍ଲାକୁ ବଦଳି ଲାଗି ଡିଜିଙ୍କ ନିକଟରେ ଆବେଦନ କରିବା କଥା ପଦାକୁ ଆସିବା ପରେ ସେହି କଥାକୁ ନେଇ ପୁଲିସ ଜିଲ୍ଲାର ଜାଣିବା ଶୁଣିବା ମହଲରେ ଚର୍ଚ୍ଚା ଯୋର ଧରି ନାନା ପ୍ରଶ୍ନ ଉଠିଛି । ତେବେ ନିକଟରେ ପୂର୍ବତନ ଏସପି ଶ୍ରୀ ଭାମୁଙ୍କର ବଦଳି ସମ୍ବଲପୁର ହୋଇଥିବା ବେଳେ ନୂତନ ଏସପି ମିତ୍ରଭାନୁ ମହାପାତ୍ର ରାଉରକେଲାରେ ପହଁଚି ଥାନା ଗୁଡିକ ବୁଲିବା ଆରମ୍ଭ କରିଥିବା ବେଳେ ବିଭିନ୍ନ ମାମଲାକୁ ନେଇ ତର୍ଜମା ଆରମ୍ଭ କରିଛନ୍ତି । ରାଉରକେଲାରେ ଘଟିଥିବା ଅନେକ ଘଟଣାର ଆଜିଯାଏ ପର୍ଦ୍ଦାଫାସ ହୋଇ ନପାରିବା ଅନେକ ମାମଲାକୁ ଟୁଇଷ୍ଟ କରି ଚପାଇଦେବା ଭଳି ଅନେକ ଅଭିଯୋଗ ହୋଇ ଆସୁଥିଲା, ନିକଟରେ ଜଣେ ଥାନା ଅଧିକାରୀ ଜଣେ ଲୋକଙ୍କୁ ବାଡେଇବା, ଭନୁଭବନ ପାଖରେ ମୋଟର ସାଇକେଲ ଷ୍ଟାଣ୍ଡ କରିଥିବା ପିଲାଙ୍କୁ ଷ୍ଟାଣ୍ଡ ପଇସା ୧୦ ଟଙ୍କା ନଦେଇ ନାବାଳକ ମାନଙ୍କୁ ପୁଲିସ ପଣିଆ ଦେଖାଇ ନିଜ ସ୍ୱାମୀ ଥିବା ନିକଟସ୍ଥ ଥାନାକୁ ଧରି ସେକ୍ଟର ୭ ଥାନା ବାଲାଙ୍କୁ ପ୍ରଭାବିତ କରି ନାବାଳକ ମାନଙ୍କୁ ରାତିସାରା ଥାନାରେ ବସାଇବା ଘଟଣାରେ ସଠିକ ତଦନ୍ତ ନହେବା, ଘଟଣାସ୍ଥଳରେ ପୁଲିସ ପଣିଆ ଦେଖାଇଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେବା, ତାଙ୍କ ସ୍ୱାମୀ ସେକ୍ଟର -୭ ଥାନାକୁ ପ୍ରଭାବିତ କରିଥିବା ଅଭିଯୋଗକୁ ଲୁଚାଇ ଦେଇ ତାଙ୍କୁ ଛାଡିଦିଆଯିବା ଭଳି ଘଟଣା ଏବେ ଧିରେ ଧିରେ ନୂତନ ଏସପିଙ୍କ ପାଖରେ ପହଁଚୁଥିବାରୁ କିଛି ଅଧିକାରୀ ରାଉରକେଲାରୁ ସମ୍ବଲପୁର କିମ୍ବା ଆଖପାଖ ଅଂଚଳକୁ ବଦଳି ହୋଇଯିବାକୁ ଆବେଦନ କରିଥିବା ଖବର ମିଳିଛି। ଖାଲି ସେତିକି ନୁହେଁ ରାଉରକେଲା ପୁଲିସ ପାଖରୁ ନ୍ୟାୟ ପାଇନଥିବା ଲୋକେ ଡିଜିଙ୍କ ଦୃଷ୍ଟି ଆକର୍ଷଣ କରିବା ମାମଲାରେ ଉଚ୍ଚ ଅଧିକାରୀଙ୍କ ପାଖରୁ ଆସିଥିବା ତଦନ୍ତ ରିପୋର୍ଟକୁ ମଧ ମନଇଛା କରାଜିବା କଥା ଭଳି ମାମଲାରେ ଲୋକେ ଏବେ ଏସପିଙ୍କୁ ଭେଟୁଥିବାର ଖବର ମିଳିଛି । ଏହା ଛଡା ଥାନା ତଥା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିବା ବାବୁ ମାନଙ୍କର କାର୍ଯ୍ୟକଳାପ ଗୁଡିକୁ ନେଇ ତର୍ଜମା ଆରମ୍ଭ ହୋଇଥିବାରୁ ବାବୁ ମାନଙ୍କର କୋକୁଆ ଭୟ ସୃଷ୍ଟି ହୋଇଥିବା କୁହାଯାଉଛି । ଏହି ପୁଲିସ ଜିଲ୍ଲାରେ ରହି ଅନେକ ଦିନ ବିଭିନ୍ନ ଦାୟିତ୍ୱରେ ରହି ମଜା ନେବାସହ ସମ୍ପତି ବାଡି, ବେନାମୀ ଗାଡି କରିଥିବା ବାବୁ ମାନେ ଏବେ ଭୟଭିତ କାହିଁକି ବୋଲି ଏବେ ପୁଲିସ ଜିଲ୍ଲାରେ ଆଲୋଚନା ଜୋର ଧରିଛି ।

## ଭିଜିଲାନ୍ସ ହାତରେ ଧରା ପଡିଲେ ଲାଞ୍ଚୁଆ କିରାଣୀ

କେନ୍ଦୁଝର, ୧ ।୬(ପି.ଏନ): କେନ୍ଦୁଝରର ଦୁର୍ନିତି ନିବାରଣ ବିଭାଗ ହାତରେ ଧରା ପଡିଛନ୍ତି ଜଣେ ଲାଞ୍ଚୁଆ କିରାଣୀ । ଏହି ଘଟଣା କେନ୍ଦୁଝର ଜିଲ୍ଲାର ଘଟଗାଁ ତହସିଲରେ ଘଟିଛି । ଘଟଗାଁ ତହସିଲ କାର୍ଯ୍ୟାଳୟରେର ଜୁନିୟର ରେଭିନ୍ୟୁ ଆସିଷ୍ଟାଂଟ ଭାବେ କାର୍ଯ୍ୟରତ ଦେବାଶିଷ ପଣ୍ଡା , ସେହି ତହସିଲ ଅନ୍ତର୍ଗତ ଟାଙ୍ଗରତଳି ଗ୍ରାମର ବନମାଳୀ ପଲେଇ ନାମକ ଜଣେ ବ୍ୟକ୍ତିଙ୍କ ଠାରୁ ୧୦ ହଜାର ଟଙ୍କା ଲାଚଂ ନେଉଥିବା ବେଳେ ଦୁର୍ନିତି ନିବାରଣ ସଂସ୍ଥା ହାତରେ ଧରା ପଡିଛନ୍ତି । ବନମାଳୀ ପଲେଇଙ୍କର ଭାଇ ଭାଗ ବଂଟା ଜମିର ଚିହ୍ନଟ ସହ ପଟ୍ଟା କରିଦେବାକୁ ଏହି ଲାଚଂ ଟଙ୍କା ନେଉଥିବା ଜଣା ପଡିଛି । ଆଜି ଠାରୁ ଅମଲା ମାନେ ସମୁହ ଛୁଟିରେ ରହିଥିବା ବେଳେ ସକାଳ ପ୍ରାୟ ୧୧ ଟା ବେଳେ ଘଟଗାଁ ତହସିଲ ନିକଟସ୍ଥ ଏକ ଘରେ ଦେବାଶିଷ ଏହି ଟଙ୍କା ବନମାଳୀଙ୍କ ଠାରୁ ନେଉଥିବା ବେଳେ ଦୁର୍ନିତି ନିବାରଣ ହାତରେ ଧରା ପଡିଥିଲେ । ଦେବାଶିଷଙ୍କ ଘର ବାଲେଶ୍ୱରରେ ବୋଲି ଜଣା ପଡିଥିବା ବେଳେ ଦୁର୍ନିତି ନିବାରଣ ବିଭାଗ ଦ୍ୱାରା ଦେବାଶିଷଙ୍କ ଘଟଗାଁସ୍ଥିତ ଉପରଡିହା ଭଡା ଘର, ବାଲେଶ୍ୱର ପୁଟୁରା ଅଂଚଳରେ ଥିବା ନିଜ ଘର ଓ କାର୍ଯ୍ୟାଳୟ ଉପରେ ଚଢାଉ କରାଯାଇଛି। କିନ୍ତୁ ସବିଶେଷ ତଥ୍ୟ ମିଳିପାରି ନାହିଁ । ଇତି ମଧ୍ୟରେ ଦେବାଶିଷଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଦୁର୍ନିତି ନିବାରଣ ବିଭାଗ ପକ୍ଷରୁ ସୂଚନା ମିଳିଛି।








# ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ‘ବବି ଜାସୁସ୍’ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ ‘ବବି ଜାସୁସ୍’। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

## ପୁରାଣ କାହାଣୀ

# ମା’କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ରହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା’ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା’ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା’ ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା’ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା’ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା’ ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା’କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି



କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ–ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ ‘ଜଙ୍ଗଲ୍ସ ଇନ୍ ପ୍ୟାରିସ’ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।



# ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି । ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# ୱାର୍ଲଡ ଓଡିଶା ସୋସାଇଟ ପକ୍ଷରୁ ଶ୍ରେୟଶ୍ରୀଙ୍କୁ ସମ୍ବର୍ଦ୍ଧନା




ବରୀ,(ପି.ଏନ), ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ବରୀ ବ୍ଲକ୍ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରାମପୁରର ଛାତ୍ରୀ ଶ୍ରେୟଶ୍ରୀ ଜେନା ରାଜ୍ୟରେ ସର୍ବାଧିକ ନମ୍ବର ରଖିଥିବାରୁ ଚାରିଆଡୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନାର ସୁଅ ଛୁଟିଛି। ଗତକାଲି ୱାର୍ଲଡ ଓଡିଶା ସୋସାଇଟ ପକ୍ଷରୁ ଶ୍ରେୟଶ୍ରୀଙ୍କ ସହ ପ୍ରଧାନଶିକ୍ଷକ ନିର୍ମଳ କୁମାର ଜେନା ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ମାନଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ, ଟ୍ରଫି ଦିଆଯାଇ ବିଦ୍ୟାଳୟ ଠାରେ ସମ୍ବର୍ଦ୍ଧନା କରାଯାଇଛି। ସୋସାଇଟର ଅଧକ୍ଷ ବରିଷ୍ଠ ସାମ୍ବାଦିକ ତଥା ବରୀ ମାଟିର ପୁଅ କିଶୋର ଦ୍ୱିବେଦୀ ବରୀର ସେବା, ସାହିତ୍ୟ, ସଂଗ୍ରାମ ଓ ପର୍ଯ୍ୟଟନ ଇତିହାସ ସହ ରାମପୁର ଉଚ୍ଚ ବିଦ୍ୟାଳୟ ଓ ଛାତ୍ରୀ ଶ୍ରେୟଶ୍ରୀ ଯୋଡି ହୋଇ ଆଉ ଏକ ପରିଚ୍ୟ ସୃଷ୍ଟି କଲେ ବୋଲି ସମ୍ବର୍ଦ୍ଧନା କରିବା ଅବସରରେ ବକ୍ତବ୍ୟ ରଖିଥିଲେ। ସେହିପରି ଅନ୍ୟତମ ଅତିଥି ଡଃ ଅରୁନ୍ଧତି ଦେବୀ ଯେଉଁଠି ଶିକ୍ଷା ସହ ସଂସ୍କାର ଯୋଡି ହୁଏ ସେଠି ଛାତ୍ର ଛାତ୍ରୀ ସଂସ୍କୃତି ସମ୍ପନ୍ନ ତଥା ସାମାଜିକତାପୂର୍ଣ୍ଣ ହୋଇଥାନ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥି ଶିକ୍ଷାବିତ ରବି ନାରାୟଣ ବେହେରା ଗ୍ରାମାଞ୍ଚଳର ଶିକ୍ଷାଦାନ ପଦ୍ଧତି ଭିତରେ ଶ୍ରେୟଶୀର ସଫଳତା ପଙ୍କରୁ ପଦ୍ମ ଫୁଟିବା ଘଟଣା ଭଳି ସମାନ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ନିର୍ମଳ କୁମାର ଜେନା, ପରିଚାଳନା କମିଟି ସଭାପତି ନକୁଳ ଚରଣ ଦାସ, ବରିଷ୍ଠ ନାଗରିକ କୁଶଧ୍ୱଜ ସାମଲ, ପ୍ରାକ୍ତନ ସରପଂଚ କେଦାର ସାମଲ, ଯୁବ ସମାଜସେବୀ ରାଜ କୁମାର ଜେନା ପ୍ରମୁଖ ମଂଚାସୀନ ଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତା ସହଯୋଗୀ ମୁକୁନ୍ଦ ସାମଲ, ଶ୍ରେୟଶ୍ରୀଙ୍କ ବାପା ଷ୍ଟାଲିନ ଜେନା ଓ ଅନ୍ୟମାନଙ୍କୁ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ପରେ ଶ୍ରେୟଶ୍ରୀ ନିଷ୍ଠାର ସହିତ ପାଠ ପଢି ଉଚ୍ଚ ଶିକ୍ଷାରେ କୃତିତ୍ୱ ଅର୍ଜନ କରିବ ବୋଲି ଅତିଥି ମାନଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ।

## ପାରାଦୀପ ପୋଲିସ ଏଏସପି ନିମାଇଁ ଚରଣ ସେଠୀ ଙ୍କ ପଦୋନ୍ନତି ଓ ବଦଳି

ପାରାଦୀପ ,(ପି.ଏନ): ପାରାଦୀପ ପୋଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ (ଏଏସପି) ନିମାଇଁ ଚରଣ ସେଠୀ ଙ୍କର ଏସପି ଭାବେ ପଦୋନ୍ନତି ହେବା ସଙ୍ଗେ ସଙ୍ଗେ ଭୁବନେଶ୍ୱର ର ମେରାଇନ ଓ କୋଷ୍ଟାଲ ସ୍ୟୁକୁରିଟି ବିଭାଗର ଆସିଷ୍ଟାଣ୍ଟ ଇନ୍ସପେକ୍ଟର ଜେନେରାଲ (ଏଆଇଜି) ଦାୟିତ୍ୱ ମିଳିଛି । ଏହି ମର୍ମରେ ମେ ୩୧,୨୦୨୩ ବୁଧବାର ଦିନ ଓଡ଼ିଆ ରାଜ୍ୟ ଗୃହ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତିରେ ସାତ ଜଣ ପୋଲିସ ଉଚ୍ଚ ଅଧିକାରୀଙ୍କ ପଦୋନ୍ନତି ଓ ବଦଳି ହୋଇଛି । ତେବେ ଶ୍ରୀ ସେଠୀ ୨୦୨୦ ଅଗଷ୍ଟ ୧୪ ତାରିଖରେ ପାରାଦୀପ ର ଏଏସପି ଦାୟିତ୍ୱ ଗ୍ରହଣ କଲାପରେ ପାରାଦୀପ ବନ୍ଦର ଓ ଶିଳ୍ପାଞ୍ଚଳ ରେ ଆଇନ ଶୃଙ୍ଖଳା ପରିସ୍ଥିତି ବହୁମାତ୍ରାରେ ନିୟନ୍ତ୍ରଣରେ ରହିଥିଲା କ୍ଷ ତାଙ୍କର ଦୂରଦୃଷ୍ଟି, ଅଭିଜ୍ଞତା ଓ ପ୍ରଶାସନିକ ଦକ୍ଷତା ଯୋଗୁଁ ବିଭିନ୍ନ ଦୁର୍ଘଟଣା ଜନିତ ଉତ୍ତେଜନା, ଶିଳ୍ପାଞ୍ଚଳରେ ଶ୍ରମିକ ଅଶାନ୍ତି,ଆନ୍ଦୋଳନ ଇତ୍ୟାଦିରେ ଯଥେଷ୍ଟ ହ୍ରାସ ଘଟିଥିଲା କ୍ଷ ପାରାଦୀପ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କ୍ଷେତ୍ରରେ ଶ୍ରୀ ସେଠୀ ଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା କ୍ଷ ଅବସର ନେବାକୁ ଆଉ ଅଳ୍ପ ଦିନ ରହିଥିବା ବେଳେ ଶ୍ରୀ ସେଠୀଙ୍କ ପଦୋନ୍ନତିରେ କାର୍ଯ୍ୟରତ ସାମ୍ବାଦିକ ଶୁକଦେବ ଜେନା,ସନ୍ଦୀପ ଲେଙ୍କା, ଶଶାଙ୍କ ଆଚାର୍ଯ୍ୟ, ରବୀନ୍ଦ୍ର ଜେନା, ସଞ୍ଜୟ ମିଶ୍ର, ରତ୍ନାକର ଜେନା, ପୁରୁଷୋତ୍ତମ ଶତପଥୀ ପ୍ରମୁଖ ଙ୍କ ସମେତ ବହୁ ବୁଦ୍ଧିଜୀବୀ ଶୁଭେଚ୍ଛା ଜଣାଇଛନ୍ତି ।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତ୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି। ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ। ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# ପଶ୍ଚିମବଙ୍ଗରୁ ଆସି ଭୁବନେଶ୍ୱରରେ ହଜିଥିବା ପୁଅ ଧର୍ମଶାଳା ଅଂଚଳରୁ ଉଦ୍ଧାର

ଧର୍ମଶାଳା, (ପି.ଏନ): ପଶ୍ଚିମବଙ୍ଗରୁ ଆସି ଭୁବନେଶ୍ୱରରେ ହଜିଯାଇଥିବା ପୁଅ ଯାଜପୁର ଜିଲ୍ଲା ଧର୍ମଶାଳା ଅଂଚଳରୁ ଉଦ୍ଧାର। ପୋଲିସ ସହାୟତାରେ ନିଖୋଜ ପୁଅକୁ ପରିବାର ଲୋକଙ୍କୁ କରାଗଲା ହସ୍ତାନ୍ତର। ସୂଚନା ମୁତାବକ, ଗତ ୧୫ଦିନ ତଳେ ପଶ୍ଚିମବଙ୍ଗ ମେଦିନାପୁର ଅଂଚଳର ମାନିକ ମହାତ ଓ ନମିତା ମହାତ ନିଜ ୧୯ବର୍ଷର ପୁଅ ସନ୍ଦୀପକୁ ସାଙ୍ଗରେ ଆଣି ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିଥିଲେ। ଏହି ସମୟରେ ସେଠାରୁ ସନ୍ଦୀପ କୁଆଡେ ଚାଲିଯାଇଥିଲେ। ସେଠାରେ ଖୋଜାଖୋଜି କରିବା ପରେ ପୁଅକୁ ନପାଇବାରୁ ପରିବାର ଲୋକେ ଭୁବନେଶ୍ୱରସ୍ଥିତ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ତେବେ ନିଖୋଜ ସନ୍ଦୀପ ଯାଜପୁର ଜିଲ୍ଲା ଧର୍ମଶାଳା ଅଂଚଳରେ ବୁଲୁଥିବାର ଖବର ମିଳିଥିଲା ତେବେ। ସ୍ଥାନୀୟ ଲୋକେ ଲୋକଙ୍କ ସହାୟତ ରେ ସନ୍ଦିପକୁ ଆଜି ଚଢ଼େଇଧରା ଅଂଚଳରୁ ଉଦ୍ଧାର କରି ଥିଲେ । ଖବର ପାଇ ପରିବାର ଲୋକେ ଧର୍ମଶାଳା ଥାନାରେ ପହଂଚିଥିବା ବେଳେ ପୋଲିସ ନିଖୋଜ ପୁଅକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପ ାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପ ମିତା ମୁଣ୍ଡା, ପୂର୍ବତନ ସରପ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଲହରି ସରପ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍‌୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସ୍‌ୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

# କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହ ିଛି। ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି। ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି। ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କୁ୍ତିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାଡୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମ୍ପୋରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢ଼େଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢ଼େଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୁଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ରଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିପଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ଟସ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ

ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢାଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି।

# ଭଦ୍ରକ ମୁସଲିମ ଜମାତ ତରଫରୁ ସୁଭାଙ୍ଗୀ ଖୁଂଟିଆଙ୍କୁ ସମ୍ମାନିତ

ଭଦ୍ରକ, (ପି.ଏନ): ଭଦ୍ରକ ମୁସଲିମ ଜମାତ ଆନୁକୂଲ୍ୟରୁ ପୁରୁଣାବଜାରସ୍ଥିତ ମଦିନା ମଇଦାନଠାରେ ଏକ ସମ୍ବର୍ଦ୍ଧନା ପର୍ବ ଆୟୋଜନ ହୋଇଥିଲା। ଏହି ସମ୍ବର୍ଦ୍ଧନା ପର୍ବରେ ମୁଖ୍ୟ ଅତିଥି ତଥା ମୁସଲିମ ଜମାତର ସଭାପତି ହାଜୀ ଅବଦୁଲ ବାରୀ ଭାଇଚାରା ସହର ଭଦ୍ରକ ମାଟିର କୃତୀ ସନ୍ତାନ ତଥା ଭାରତୀୟ ପ୍ରଶାସନିକ ସେବା (ଆଇ.ଏ.ଏସ) ସ୍ତରରେ ୨୪୮ ର୍ୟାଙ୍କରେ ସଫଳତା ପାଇଥିବା ସୁଶ୍ରୀ ସୁଭାଙ୍ଗୀ ଖୁଂଟିଆଙ୍କୁ ପୁଷ୍ପଗଚ୍ଛ, ଉତରୀୟ ସହିତ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି ସମ୍ବର୍ଦ୍ଧନା ପର୍ବ ଜାତୀୟ ସଂଗୀତରୁ ଆରମ୍ଭ କରାଯାଇଥିଲା। ଭଦ୍ରକର ପ୍ରସିଦ୍ଧ କବି ଅବଦୁଲ ଦୟାନ ଜିଆ କବିତା ପାଠ ପଢ଼ିଥିଲେ। ସମ୍ମାନିତ ଅତିଥି ଭାବେ ସୁଧାକାର ରାଉତ, ଏସ.ଏମ.ଫାରୁକ ଓ ହରୀ ନନ୍ଦୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ କଠିନ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ଯୋଗୁଁ ଏହି ସଫଳତା ମିଳିଛି ଏବଂ କିଛି କରିବା ପୂର୍ବରୁ ନିଜକୁ ଜଣେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଏହି ସମ୍ବର୍ଦ୍ଧନା ପର୍ବରେ ସୁଭାଙ୍ଗୀ ଖୁଂଟିଆଙ୍କ ପିତା ସତ୍ୟ ନାରାୟଣ ଖୁଂଟିଆ ଓ ମାତା ଶ୍ରୀମତୀ ସବିତା ଖୁଂଟିଆଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଆଇ.ଏ.ଏସରେ ସଫଳତା ପାଇଥିବା ସୁଭାଙ୍ଗୀ ଖୁଂଟିଆ ଉର୍ଦ୍ଦୁ ଓ ହିନ୍ଦି ବକ୍ତବ୍ୟରେ କହିଥିଲେ ଯେ ନିଜର ସ୍ୱପ୍ନକୁ ସାକାର କରିବା ପାଇଁ କେତେ ଇଚ୍ଛା ଓ ଅନିଚ୍ଛାର ବଳିଦାନ ଦେଇ ନିଜର ପରିବାର ଓ ନିଜର ସବୁ ସାଙ୍ଗ ସାଥିକୁ ଛାଡ଼ି ଦିଲ୍ଲୀ ମହାନଗର ଜାମିୟା ମିଲିୟା ଇସଲାମିୟା ୟୁନିଭରସିଟିରେ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ପାଇଥିଲେ। ଏହି ସମ୍ବର୍ଦ୍ଧନା ପର୍ବରେ ସଂଚାଳକ ଭାବେ ଓଡ଼ିଶାର ସୁ-ପ୍ରସିଦ୍ଧ କବି ମାଷ୍ଟର ମୁସ୍ତାକ ଗୌହର ହିନ୍ଦି/ଉର୍ଦ୍ଦୁ ଭାଷାରେ କବିତା ପାଠ କରି ମନମୁଗ୍ଧ କରିଥିଲେ। ଉପସ୍ଥିତ କଲେଜ ଛାତ୍ରଛାତ୍ରୀଙ୍କ ପ୍ରଶ୍ନର ଉ ର ସୁଶ୍ରୀ ସୁଭାଙ୍ଗୀ ଦେଇଥିଲେ। ମୁସଲିମ ଜମାତର ସଂପାଦକ ହାଜୀ ଅବଦୁଲ ମୁକିତ ଖାନ ପ୍ରଦାନ ହୋଇଥିବା ମାନପତ୍ରଟି ପଢ଼ି ଶୁଣାଇଥିଲେ। ଏହି ସମ୍ବର୍ଦ୍ଧନା ସଭାକୁ ମହମ୍ମଦ ଜକାଉଲ୍ଲା, ଜମିଲ ଅଖତର ଖାନ, ରେଜା-ଏ-ରସୁଲ, ଇଂ ମୁକ୍ତାର ଅହେମଦ ରସିଦ, ଇଂ ହବିବୁଲ୍ଲା ଖାନ, ଇଂ ସକିଲୁଜ ଜମା ଖାନ, ତବାରକ ଅଲି, ମତଲୁବ ଅଲି, ହାଜୀ ଅନୱର ହୋସେନ, ସବିର ଅଲି, ହଫିଜୁର ରହେମାନ, ହାଜି କୟୁମ ଶାହା, ହାଜି କାସିମ ଖାଁ, ମିର୍ଜା ଇକ୍ରାମ ବେଗ, ଅବୁ ହୋସେନ ଖାଁ ଓ ମିଡିଆ ସେଲ ସଂଯୋଜକ ଶେଖ ଅନୱର ଉପସ୍ଥିତ ରହି ପରିଚାଳନା କରିଥିଲେ ଏବଂ ସ୍ଥାନୀୟ ପାରିଷଦ ସହିତ ବୁଦ୍ଧିଜୀବି, ଛାତ୍ରଛାତ୍ରୀ ଓ ସାମ୍ବାଦିକ ବନ୍ଧୁ ପ୍ରମୁଖ ଯୋଗଦାନ କରିଥିଲେ।

## ସମବାୟ ବ୍ୟାଙ୍କ ପକ୍ଷରୁ ମୃତଚାଷୀଙ୍କ ପରିବାରକୁ ବୀମା ସହାୟତା ପ୍ରଦାନ

ଭଦ୍ରକ, (ପି.ଏନ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ କହରାପୋଖରୀ ଶାସନ ଗ୍ରାମର ମୃତଚାଷୀ ଡମ୍ବରୁଧର ବେହେରାଙ୍କୁ ପୁତ୍ର ଅଶୋକ କୁମାର ବେହେରାଙ୍କୁ ସମବାୟ ବ୍ୟାଙ୍କ ପକ୍ଷରୁ ବୀମା ସହାୟତା ପ୍ରଦାନ କରାଯାଇଛି। ଅନୁରୂପ ଭାବେ ବାଲିପୋଖରୀ ପଂଚାୟତ ମନୋଜ ଯେନାଙ୍କ ପତ୍ନୀ ରେବତୀ ଯେନାଙ୍କୁ ମଧ୍ୟ ବୀମା ସହାୟତା ପ୍ରଦାନ କରାଯାଇଛି। ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭଣ୍ଡାରିପୋଖରୀ ଶାଖା ପରିଚାଳକ ବିଚିତ୍ରାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ କର୍ମଚାରୀ ଦାମୋଦର ମିଶ୍ର, ସମବାୟ ସମିତି ସମ୍ପାଦକ ରାଜେନ୍ଦ୍ର ଖଣ୍ଡାଇ, ସୁମନ୍ତ ସେନାପତି, ଅଜୟ ବେହେରା ଯୋଗଦେଇ ପ୍ରତ୍ୟେକ ପରିବାରକୁ ୫ ଲକ୍ଷ ବୀମାରାଶି ଚେକ ପ୍ରଦାନ କରିଥିଲେ।




# ‘ତାତ ଜନନୀ ଉପକାର, ଶୁଝି କେ ପାରିବ କୁମର...’



ଶ୍ରୀମଦ୍ ଭାଗବତରେ ନିଜ ଜୀବନ୍ତ ଭଗବାନ ସଦୃଶ ନିଜ ପିତାମାତାଙ୍କ ସେବାକର୍ମ ପ୍ରତି ଉଲ୍ଲେଖ ରହି ଲେଖା ହୋଇଛି - ‘ଆଚାର୍ଯ୍ୟ ବ୍ରହ୍ମାର ମୂରତି, ପିତା ପ୍ରତ୍ୟକ୍ଷେ ପ୍ରଜାପତି। ଭ୍ରାତା ଯେ ମୂରତି ଇନ୍ଦ୍ରର, ମାତା ସାକ୍ଷାତ ପୃଥିବୀର। ଅଗ୍ନି ମୂରତି ଅଭ୍ୟାଗତ, ଆତ୍ମାର ମୂର୍ତ୍ତି ସର୍ବଭୂତ। ତାତ ଜନନୀ ଉପକାର, ଶୁଝି କେ ପାରିବ କୁମର। ଗର୍ଭେ ବହନ୍ତି ଦୁଃଖ ସହି, ପୁଣି ପାଳନ୍ତି କ୍ଷୀର ଦେଇ। ସର୍ବ ସମ୍ପଦ ପୁଣି ଦେଇ, ତାହାଙ୍କ ପୋଷଣେ ଜୀଅଇ। ତାହାଙ୍କ ପ୍ରତି ଉପକାରେ, ଶତ ବରଷେ କେହୁ ପାରେ।’ ଯାହାଙ୍କଠାରୁ ଆମେ ଜନ୍ମ ନେଇଛନ୍ତି, ଯିଏ ଆମର ସୃଷ୍ଟିକର୍ତ୍ତା, ଯାହାଙ୍କ ଆଶୀର୍ବାଦରୁ ଆମେ ଏଡ଼ିକିଟିଏରୁ ଏତ୍ତୁଟିଏ ହେଇଛୁ, ଯିଏ ଆମ ପାଇଁ ପ୍ରତ୍ୟକ୍ଷ ଦେବତା; ସିଏ ହେଉଛନ୍ତି ଆମର ପିତାମାତା। ଏଣୁ - ‘ପିତା ନାହିଁ ଯାହାର ସାହା ନାହିଁ ତାର, ପିତା ମାତା ସବୁ କିଛି ପିତାମାତା ପାଦ ଯେ ଜନ ସେବିଛି, ସେହୁଟି ସର୍ବ ଲଭିଛି।’ ବାସ୍ତବରେ ପିତାମାତା ହେଉଛନ୍ତି ଆମର ପ୍ରତ୍ୟକ୍ଷ ଦେବତା। ତାଙ୍କର ବାର୍ଦ୍ଧକ୍ୟ ସମୟରେ ତାଙ୍କୁ ହତାଦର କରିବା ବା ଅବମାନନା କରିବା ଅନୁଚିତ। କେବଳ ଯେ ପିତାମାତା ତାହା ନୁହଁନ୍ତି; ସମସ୍ତ ବୟସ୍କ ଆମର ଅଗ୍ରପୂଜ୍ୟ। ସେମାନଙ୍କୁ କୁହାଯାଏ ଶ୍ରେଷ୍ଠ ମାନବ। ‘ମା’ ଅର୍ଥ ସୃଷ୍ଟି, ‘ନବ’ ଅର୍ଥ ନୂଆ। ଯାହାଙ୍କ ଠାରୁ ଆମେ ନୂଆ ପ୍ରେରଣା ପାଇଥାଉ। ତେଣୁ ସେ ହେଉଛନ୍ତି ଆମର ସବୁକିଛି। ଆଜିର ଭୋଗସର୍ବସ୍ୱ ସମୟର ମୁହୂର୍ତ୍ତରେ ଆମ୍ଭେମାନେ ପ୍ରାୟତଃ ନିଜ ନିଜ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ପଛେଇ ଦେଉଛେ ନିଜ ପିତାମାତାଙ୍କ ସେବାଯତ୍ନକୁ। ଯେଉଁମାନଙ୍କ ଇଚ୍ଛା ଓ ସଂକଳ୍ପର ଫଳସ୍ୱରୂପ ଆମ୍ଭେମାନେ ଆଜି ଏ ଦୁନିଆର ଆଲୋକ ଦେଖିବାକୁ ସମର୍ଥ ହୋଇଛୁ, ଏ ସୁନ୍ଦର ଶରୀର ପାଇଛୁ ଆଉ ପ୍ରତିଟି ମୁହୂର୍ତ୍ତରେ ମାନବୀୟ ମୂଲ୍ୟବୋଧକୁ ଅନୁଭବ କରିଛୁ, କିନ୍ତୁ ସେହିମାନଙ୍କ ଅତୁଳନୀୟ ଓ ଅକଳ୍ପନୀୟ ପ୍ରତିଦାନକୁ ଆମେ ପ୍ରତି ମୁହୂର୍ତ୍ତରେ ଭୁଲିଯାଉଛେ ସତେଯେପରି। ନିକଟରେ କେତେକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବର କାଗଜର ତଥ୍ୟ ଅନୁଯାୟୀ କେବଳ ଭାରତରେ ନୁହେଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ପିତାମାତାଙ୍କ ପ୍ରତି ନିର୍ଯାତନା ଦେଉଥିବାର ହତଭାଗା ପୁଅ ମାନଙ୍କର କୁକୀର୍ତ୍ତିର ଖବର ପୃଷ୍ଠା ମଣ୍ଡନ କରୁଛି ଯାହାକି ନିଶ୍ଚିନ୍ତ ଭାବରେ ଆମମାନଙ୍କ ମାନବିକତାକୁ ଏକ ଧିକ୍କାର୍। ଏହା ସତ୍ତ୍ୱେ ଆମ୍ଭମାନଙ୍କ ପରି ନିଜକୁ ବ୍ରହ୍ମଜ୍ଞାନୀ ବିଚାର କରୁଥିବା ବୁଦ୍ଧିମାନ ବ୍ୟକ୍ତିମାନେ ଯେ କିପରି ନିଜ ସୁଖ ଓ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆମର ଜୀବନ୍ତ ଈଶ୍ୱରମାନଙ୍କୁ ହତାଦାର କରୁଛେ ତାହା ଆମ ସମାଜର ଆଇନାରେ ସୁସ୍ପଷ୍ଟ।

ଭାରତର ଶାସ୍ତ୍ର ଓ ପୁରାଣରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ ଯେଉଁ ପିଲାମାନେ ନିଜ ବାପାମାଆଙ୍କ ସେବା କରିଥାନ୍ତି ସେମାନେ ସ୍ୱର୍ଗସୁଖର ପୁଣ୍ୟ ପାଇଥାନ୍ତି। କିନ୍ତୁ ଆମ୍ଭେମାନେ ତାକୁ ହେୟଜ୍ଞାନ କରୁଛୁ। ଭାରତରେ ପିତାମାନଙ୍କ ଭରଣପୋଷଣ ହେଉ ବା ସେମାନଙ୍କୁ କୌଣସି ଯନ୍ତ୍ରଣା ବା କଷ୍ଟ ନ ଦେବା ପାଇଁ ବିଭିନ୍ନ ଆଇନରେ ନିର୍ଦ୍ଦେଶନାମା ସ୍ପଷ୍ଟ ଉଲ୍ଲେଖ ରହିଛି। ତାହାସତ୍ତ୍ୱେ ଅଧିକାଂଶ କ୍ଷେତ୍ରରେ ନିର୍ଯାତିତ ହେଉଥିବା ପିତାମାତା-ମାନେ ନିଜ ପିଲାମାନଙ୍କର ଏପରି କ୍ରୁର ବ୍ୟବହାର ଓ ନିର୍ଯାତନା ପାଇ ମଧ୍ୟ ସେମାନଙ୍କ ଭଲ କାମନା କରି କୌଣସି ଅଭିଯୋଗ କରିବାକୁ ଆଗେଇ ଆସିନଥାନ୍ତି। ଏଠାରେ ଏକ ସତ୍ୟ ଘଟଣା ଉପରେ ଆଧାରିତ ଉଦାହରଣଟିଏ ଦେଉଛୁ। ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଞ୍ଚଳ ଗାଡ଼କଣରେ ବାସନ୍ତୀ ଆଚାର୍ଯ୍ୟ ରୁହନ୍ତି। ତାଙ୍କ ସ୍ୱାମୀ ଶଶୀକାନ୍ତ ଆଚାର୍ଯ୍ୟ ଓ ସାବତ ପୁଅ ସତ୍ୟଜିତ ଓ ବୋହୂ ରୀତା ଆଚାର୍ଯ୍ୟ, ବାସନ୍ତୀ ଆଚାର୍ଯ୍ୟ ଘରେ ନଥିବାବେଳେ ତାଙ୍କ ତାଲା ଭାଙ୍ଗି ସମସ୍ତ ଆସବାସପତ୍ର ଅକ୍ତିଆର କଲେ। ଇଏ ହେଉଛନ୍ତି ସେହି ସତ୍ୟଜିତ ଯାହାଙ୍କୁ ମଣିଷ କରି ଗଢ଼ି ତୋଳିବା ପାଇଁ ବାସନ୍ତୀ ଦେବୀ ନିଜ ଜୀବନର ମୂଲ୍ୟବାନ ସମୟ ଉତ୍ସର୍ଗ କରିଛନ୍ତି। ଦୁର୍ଭାଗ୍ୟର କଥା ସତ୍ୟଜିତ ଓ ରୀତା ଆଚାର୍ଯ୍ୟ ତାଙ୍କୁ ମାଡ଼ ମାରିବା ସହ ପିଠିରେ ବିଷାକ୍ତ ଛୁଞ୍ଚି ଫୋଡ଼ିଛନ୍ତି। ତେଣୁ ଏଇଠି ଜଣେ ଅନୁଭବ କରନ୍ତୁ ପ୍ରକୃତରେ ମଣିଷ ସନ୍ତାନସନ୍ତତି କାହିଁକି ଜନ୍ମ କରିଥାନ୍ତି? କ’ଣ ପରିଣତ ବୟସରେ ଆହୁରି ଲୁହ ଓ ଲହୁ ପିଇବା ପାଇଁ?

ଆମ୍ଭେମାନେ ଭୁଲି ଯାଉଛେ ଯେ, ଆମେ ଆମ ପରିବାର ଓ ସମାଜ ପାଇଁ ବୋଝ ଭାବୁଥିବା ଆମ ପିତାମାତାଙ୍କ ପ୍ରତି ଆମେ ଯେଉଁପରି ବ୍ୟବହାର ଦେଖାଉଛେ ଠିକ୍ ସେହିପରି ବ୍ୟବହାର ଯେତେବେଳେ ଆମ୍ଭେମାନେ ପରିଣତ ବୟସରେ ଆମ ପିଲାମାନଙ୍କଠାରୁ ପାଇବା ତାହା ଆମ ମାନଙ୍କ ପାଇଁ କିପରି ସହିବାର ଶକ୍ତି ରଖିବ? କେତେକ କ୍ଷେତ୍ରରେ ଦେଖାଯାଇଥାଏ ଯେ, ସମାଜରେ ବୟସ୍କ ନାଗରିକ ମାନଙ୍କ ପାଇଁ ବିଭିନ୍ନ ସ୍ୱତନ୍ତ୍ର ସୁବିଧା, ସୁଯୋଗ ଓ ସହାୟତାର ବ୍ୟବସ୍ଥା ଥିଲେ ମଧ୍ୟ ଏହା କିଛି କ୍ଷେତ୍ରରେ କାଗଜ କଲମରେ ବନ୍ଧା ଆଇନ ପରି ଲାଗୁଛି ଆଉ କେତେକ କ୍ଷେତ୍ରରେ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉଥିବାରୁ ଏହି ଆଇନର କୌଣସି ମୂଲ୍ୟ ରହୁନାହିଁ। ଆପଣମାନେ ଅଧିକାଂଶ କ୍ଷେତ୍ରରେ ଦେଖିଥିବେ ଯାତ୍ରା କରୁଥିବା କୌଣସି ବସ୍‌ରେ ବୟସ୍କ ନାଗରିକଙ୍କ ପାଇଁ ସଂରକ୍ଷଣ ଥିବା ସିଟ୍‌ରେ ଯୁବକମାନେ ବସିଥିବେ କିନ୍ତୁ ନିଜ ଭାଗ୍ୟକୁ ଆଦରି ବରଂ ନୀରବ ରହି ଛିଡ଼ା ହୋଇ କଷ୍ଟର ସହିତ ଯାତ୍ରା କରୁଥିବେ ସେହି ବସ୍‌ରେ ପରିଣତ ବୟସର ନାଗରିକମାନେ। ଏ କ୍ଷେତ୍ରରେ ବିବେକର ଆହ୍ୱାନ କ’ଣ ଆମ୍ଭେମାନେ ସମସ୍ତଙ୍କୁ କାନରେ କହିବାକୁ ପଡ଼ିବ? ଶିଶୁଟିଏ ଜନ୍ମ ହେଲା ଠାରୁ କଥା କହିବା ପର୍ଯ୍ୟନ୍ତ ତା’ ପାଇଁ ପିତାମାତା ଅନେକ କିଛି କରିଥାଆନ୍ତି। ଅନେକ କିଛି ଦୁଃଖ ସହିଥାଆନ୍ତି। ସେମାନଙ୍କର କୌଣସି ଆଶା ନଥାଏ। ପ୍ରତ୍ୟେକ ସନ୍ତାନ ସେମାନଙ୍କର ବୃଦ୍ଧତ୍ୱ ସମୟରେ ତାଙ୍କ ସେବା କରିବା ଶ୍ରେଷ୍ଠ କର୍ତ୍ତବ୍ୟ।

**ଶ୍ୟାମସୁନ୍ଦର ସାମଲ**
*ବିଡ଼ାନାସୀ ବନ୍ଧଛକ, କଟକ, ଦୂରଭାଷ: ୯୭୭୮୬୩୫୯୨୬*

# ନୋବେଲ ପୁରସ୍କାରର ଜନକ ଆଲଫ୍ରେଡ୍ ନୋବେଲ





ଆଲ୍‌ଫ୍ରେଡ୍ ନୋବେଲ ୧୮୩୩ ମସିହାରେ ଷ୍ଟକ୍‌ହୋମଠାରେ ସ୍ୱିଡିଶ ପରିବାରରେ ଜନ୍ମ ନେଇଥିଲେ। ପିତା ଇମାନୁଏଲ୍ ଥିଲେ ଜଣେ ଇଂଜିନିୟର ତଥା ଉଦ୍ଭାବକ। କିନ୍ତୁ ପିଲାଦିନରୁ ବିସ୍ଫୋରକ ପ୍ରତି ଆଗ୍ରହ ଥିଲା ଆଲ୍‌ଫ୍ରେଡଙ୍କର। ସେ ଏହି ଦିଗରେ ଅଧିକ ଅଧ୍ୟୟନ ପାଇଁ ଉତ୍ସାହୀ ଥିଲେ। ତେବେ ଏ ବିଷୟରେ ପ୍ରାଥମିକ ଜ୍ଞାନ ମିଳିଥିବା ତାଙ୍କ ପିତାଙ୍କଠାରୁ। ଇମାନୁଏଲଙ୍କର ନାନା ପ୍ରକାର ବ୍ୟବସାୟରେ କ୍ଷତି ହେବା ପରେ ସେ ୧୮୩୭ ମସିହାରେ ସେଣ୍ଟ ପିଟର୍ସବର୍ଗକୁ ଚାଲିଯାଇଥିଲେ। ସେଠାରେ ସେ ବିଭିନ୍ନ ଯନ୍ତ୍ରପାତି ଏବଂ ବିସ୍ଫୋରକ ଉତ୍ପାଦନ ଆରମ୍ଭ କଲେ। ଆଧୁନିକ ପ୍ଲାଇଉଡ୍ ମଧ୍ୟ ସେ ପ୍ରସ୍ତୁତ କରିଥିଲେ। ପିଲାଦିନରୁ ବିସ୍ଫୋରକ ଏବଂ ରସାୟନ ପ୍ରତି ଆଗ୍ରହୀ ଥିବା ଆଲ୍‌ଫ୍ରେଡ୍ ୧୮ବର୍ଷ ବୟସରେ ରସାୟନ ବିଜ୍ଞାନରେ ଉଚ୍ଚତର ଅଧ୍ୟୟନ ପାଇଁ ପ୍ରଥମେ ପ୍ୟାରିସ୍ ଏବଂ ପରେ ଆମେରିକାକୁ ଯାଇଥିଲେ। ସେ ଏକାଧିକ ୟୁରୋପୀୟ ଦେଶରେ ଶିକ୍ଷାଲାଭ କରିଥିବାରୁ ପରିଷ୍କାର ଓ ଅନର୍ଗଳ ଭାବରେ ପାଞ୍ଚୋଟି ଭାଷା ବିଶେଷକରି ଇଂରାଜୀ, ଫ୍ରେଞ୍ଚ, ସ୍ୱିଡିଶ, ରୁଷିଆନ ଓ ଜର୍ମାନ ଭାଷାରେ କହି ଓ ଲେଖିପାରୁଥିଲେ। ସେ ତାଙ୍କ ବାପାଙ୍କ ପ୍ରୋତ୍ସାହନ କାରଣରୁ ବିସ୍ଫୋରକ ଉପରେ କାର୍ଯ୍ୟ ଆରମ୍ଭ କରି ଦେଇଥିଲେ। ବହୁ ପରୀକ୍ଷା ନିରୀକ୍ଷାପରେ ସେ ଏକ ସ୍ୱର୍ଶକାତର ବିସ୍ଫୋରକ ପ୍ରସ୍ତୁତ କରିଥିଲେ ଯାହାକୁ ୧୮୬୬ରେ ଡିନାମାଇଟ୍ ରୂପେ ନାମିତ କରାଗଲା।

ନୋବେଲଙ୍କ ଉଦ୍ଭାବନ ଖଣି, ପୂର୍ତ୍ତ, କୋଠା ନିର୍ମାଣ, ସୁଡ଼ଙ୍ଗ ଖୋଳା ଇତ୍ୟାଦିରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା। ତାଙ୍କର ଉଦ୍ଭାବନ ଡିନାମାଇଟ୍ ବ୍ୟତୀତ ଅନ୍ୟାନ୍ୟ କ୍ଷେତ୍ରରେ ବିଶେଷକରି ରସାୟନ ବିଦ୍ୟାରେ କୃତ୍ରିମବସ୍ତୁ ଯଥା ରବର ଏବଂ ଚମଡ଼ା ପ୍ରସ୍ତୁତିରେ ସହାୟକ ହୋଇଥିଲା। ତାଙ୍କ ପ୍ରଚେଷ୍ଟାରେ ୫ଟି ମହାଦେଶର ୨୦ଟି ଦେଶରେ ୯୦ଟି ଶିଳ୍ପଶାଳା ଓ ବାଣିଜ୍ୟାଗାର ବା ବ୍ୟବସାୟିକ ସଂସ୍ଥା ଖୋଲା ଯାଇଥିଲା। ତାଙ୍କ ବ୍ୟବସାୟିକ ଉଦ୍ୟମ ଏବଂ ଉଦ୍ୟୋଗ ଶେଷରେ ଏକ ବିଶ୍ୱସ୍ତରୀୟ ଶିଳ୍ପରୂପେ ପରିଗଣିତ ହୋଇ ଯାହାକି ତାଙ୍କ ଆୟର ଏକ ମୁଖ୍ୟ ଉତ୍ସ ରୂପେ ପରିଣତ ହେଲା। ସେ ପାଲଟିଗଲେ ବିଶ୍ୱପତି। ଏବେ ସେଇ ଅର୍ଥ ତାଙ୍କ ଇଚ୍ଛାନୁଯାୟୀ ମଣିଷଜାତିର ସେବାରେ ବିନିଯୋଗ ହେଉଛି ବିଶେଷକରି ନୋବେଲ ପୁରସ୍କାର ଆକାରରେ ପ୍ରତିବର୍ଷ ଯାହାକି ମାନବ ସେବା ପାଇଁ ତଥା ସୃଜନପାଇଁ ପ୍ରେରଣାର ଉତ୍ସ ଓ ଶ୍ରମର ମର୍ଯ୍ୟାଦା ସ୍ୱରୂପ ଅଟେ। ଏମିତି ଏକ ଉତ୍ସର୍ଗୀକୃତ ଜୀବନ ପାଇଁ ଏକ ଘଟଣା ତାଙ୍କ ଆଖି ଖୋଲିଦେଲା। ବିଶ୍ୱର ସବୁଠାରୁ ସମ୍ମାନଜନକ ପୁରସ୍କାର ନୋବେଲ ପୁରସ୍କାର ସ୍ଥାପନର ଇତିହାସ ମଧ୍ୟ ଖୁବ୍ ସମ୍ବେଦନଶୀଳ। ସମ୍ବାଦପତ୍ରରେ ଶୋକବାର୍ତ୍ତାର କେଇଟି ବାକ୍ୟ ବିଖ୍ୟାତ ରସାୟନ୍‌ବିଦ୍, ଇଞ୍ଜିନିୟର, ଉଦ୍ଭାବକ ତଥା ଉଦ୍ୟୋଗପତି ଆଲଫ୍ରେଡ୍ ନୋବେଲଙ୍କ ହୃଦୟ ଓ ମସ୍ତିଷ୍କ ସବୁକିଛିକୁ ଦୋହଲାଇ ଦେଇଥିଲା। ଘଟଣାଟି ୧୮୮୮ ମସିହାର। ଆଲ୍‌ଫ୍ରେଡ୍‌ଙ୍କ ଭାଇ ଲୁଡଭିଗ୍ କେନ୍‌ସରେ ଥିବା ସମୟରେ ମୃତ୍ୟୁବରଣ କଲେ। ଏକ ଫରାସୀ ଖବରକାଗଜ ଭୁଲବଶତଃ ଲୁଡ୍‌ଭିଗ୍‌ଙ୍କ ବଦଳରେ ଆଲ୍‌ଫ୍ରେଡ୍‌ଙ୍କ ମୃତ୍ୟୁ ଘଟିଛିମାନେ କରି ଖବରକାଗଜରେ ଶୋକ ସମ୍ବାଦଟିଏ ଦେଲେ। ଏହି ଶୋକ ସମ୍ବାଦଟି ପଢ଼ିବା ପରେ ଆଲ୍‌ଫ୍ରେଡ୍ ଚିନ୍ତା କଲେ କ’ଣ ଲୋକମାନେ ମତେ ଏମିତି ଦୃଷ୍ଟିରେ ଦେଖୁଛନ୍ତି? ସେମାନେ ମତେ ଏକ ଦୁଷ୍ଟ ଆତ୍ମା ଭାବରେ ମନେ ରଖିବେ? ଶୋକସମ୍ବାଦର ଶିରୋନାମା ଥିଲା ‘ମୃତ୍ୟୁର ସୌଦାଗର ମୃତ’। ଖବରଟିରେ ତାଙ୍କ ଡିନାମାଇଟ୍ ଆବିଷ୍କାରକୁ ତିରସ୍କାର କରାଯାଇଥିଲା। ଲେଖାଯାଇଥିଲା-ଡଃ ଆଲ୍‌ଫ୍ରେଡ୍ ନୋବେଲ ଯେ ଲୋକମାନଙ୍କୁ ହତ୍ୟା କରିବାର ଦ୍ରୁତତମ ଉପାୟ ଖୋଜି ବାହାର କରି ଧନୀ ପାଲଟି ଯାଇଥିଲେ, ଶେଷରେ ମୃତ୍ୟୁବରଣ କରିଛନ୍ତି। ପତ୍ନୀ ଓ ସନ୍ତାନ ନଥିବା ଆଲ୍‌ଫ୍ରେଡ୍ ଖୁବ୍ ଦୁଃଖିତ ହେଲେ ଏଇ ଖବରଟିରେ। ସେ ଏମିତି ଭାବରେ ଲୋକଙ୍କ ସ୍ମୃତିରେ ରହିବେ ଏ ଚିନ୍ତା ତାଙ୍କୁ ଅସ୍ଥିର କରିଦେଲା। ଶେଷରେ ୧୮୯୫ ମସିହା ନଭେମ୍ବର ୨୭ ତାରିଖରେ ପ୍ୟାରିସ୍‌ସ୍ଥିତ ସ୍ୱିଡ଼ିସ୍ ନରୱେ କ୍ଲବଠାରେ ସେ ନିଜର ଶେଷ ଇଚ୍ଛାପତ୍ର ଏବଂ ଶପଥପତ୍ରରେ ସ୍ୱାକ୍ଷର କଲେ। ଏହି ଇଚ୍ଛାପତ୍ରରେ ପ୍ରତିବର୍ଷ ନୋବେଲ ପୁରସ୍କାର ପ୍ରଦାନ ପାଇଁ ଉଲ୍ଲେଖ କରାଗଲା। ଏଥିପାଇଁ ନିଜ ସମ୍ପତ୍ତିର ୯୪ ପ୍ରତିଶତ ଅଂଶ ସେ ଦାନ କରିଥିଲେ। ସେତେବେଳେ ଏହି ସମ୍ପତ୍ତିର ମୂଲ୍ୟ ଥିଲା ୩୧୨୨୫୦୦୦ ସ୍ୱିଡ଼ିସ୍ ମୁଦ୍ରା। ନୋବେଲ ୧୦ ଡିସେମ୍ବର ୧୮୯୬ରେ ତାଙ୍କ ନିଜ ଘର ସାନରେମୋ ଇଟାଲୀରେ ଶେଷ ନିଦ୍ରା ଯାଇଥିଲେ। ପ୍ରତିବର୍ଷ ତାଙ୍କର ଏହି ମୃତ୍ୟୁ ଦିବସରେ ନୋବେଲ ପୁରସ୍କାର ପାଇଁ ମନୋନୀତ ବ୍ୟକ୍ତିବିଶେଷଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ମୃତ୍ୟୁ ପୂର୍ବରୁ ତାଙ୍କ ଇଚ୍ଛାନୁସାରେ ଏ ପୁରସ୍କାର ୧୯୦୧ ଠାରୁ ଦିଆଯାଇଆସୁଛି। ଏଥିପୂର୍ବରୁ ୧୯୬୯ ମସିହାରେ ପ୍ରଥମେ ଅର୍ଥନୀତି ଉପରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ଆମ ଦେଶରୁ ସର୍ବ ପ୍ରଥମେ ସାହିତ୍ୟରେ ଗୀତାଞ୍ଜଳି ପାଇଁ ରବିନ୍ଦ୍ରନାଥ ଠାକୁର ୧୯୧୩ ମସିହାରେ ନୋବେଲ ପୁରସ୍କାର ପାଇଛନ୍ତି। ୧୯୩୯ ମସିହାରେ ଚନ୍ଦ୍ରଶେଖର ଭେଙ୍କଟରମଣ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପାଇଛନ୍ତି। ଏହାବ୍ୟତୀତ ଡ. ହରଗୋବିନ୍ଦ ଖୁରାନା (ବିଜ୍ଞାନ), ଅମର୍ତ୍ତ୍ୟ ସେନ (ଅର୍ଥନୀତି) ଏବଂ ମଦର ଟେରେସା (ଶାନ୍ତି) ପାଇଁ ନୋବେଲ ପୁରସ୍କାର ପାଇଛନ୍ତି। ଗତବର୍ଷ ଭାରତର କୈଳାସ ସତ୍ୟାର୍ଥୀ, ପାକିସ୍ତାନର କିଶୋରୀ ମଲାଲା ୟୁସୁଫଜାଇଙ୍କ ସହ ମିଳିତ ଭାବରେ ନୋବେଲ ଶାନ୍ତି ପୁରସ୍କାର ଲାଭ କରିଥିଲେ। ନୋବେଲ ପୁରସ୍କାର ଏକ ସମୟରେ ସ୍ୱିଡ଼େନର ଷ୍ଟକହୋମ ଓ ନରୱେର ଓସ୍‌ଲୋଠାରୁ ସଂପୃକ୍ତ ରାଜପରିବାରମାନଙ୍କର ଉପସ୍ଥିତିରେ ପ୍ରଦାନ ହୋଇଥାଏ।

**ବାଦଲ ଭୂୟାଁ**, ପ୍ରତିଷ୍ଠାତା ସମ୍ପାଦକ ‘ସିଂହଭୂମ’, ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨,
**E-mail : badal009bhuyan@gmail.com**



# DISPLAY CLASSIFIED

**FOR ADVERTISEMENT CONTACT**
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

**TARIFF:** 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com


**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଫୁଲନଖରାରୁ ଜବର ଦଖଲ ଉଚ୍ଛେଦ



ଫୁଲନଖରା (ପିଏନ୍)-କଟକ ମହାନଗର ନିଗମ ୫୯ନମ୍ବର ୱାର୍ଡ ଅନ୍ତର୍ଗତ ଫୁଲନଖରା ଛକରୁ ଜବର ଦଖଲ ଉଚ୍ଛେଦ ହୋଇଛି। ପ୍ରଶାସନ, ପୁଲିସ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଏହି ଅଭିଯାନ ଆରମ୍ଭ ହୋଇଛି। ୧୬ନମ୍ବର ଜାତୀୟ ରାଜପଥ ଫୁଲନଖରା ଛକଠାରୁ ରାଜପଥ ପାର୍ଶ୍ୱ ବଙ୍କକୁଦ ପର୍ଯ୍ୟନ୍ତ ଏହି ଉଚ୍ଛେଦ ପ୍ରକ୍ରିୟା ଚାଲିଥିଲା। ଏଥିରେ ସିଏମସି ଡେପୁଟୀ କମିଶନର ଅଜୟକୁମାର ମହାନ୍ତି, ସଦର ଥାନା ଅଧିକାରୀ ରଶ୍ମିରଂଜନ ମହାପାତ୍ର, ଜାତୀୟ ରାଜପଥ ଅଧିକାରୀ ପଞ୍ଚାନନ ପାଲ, ପ୍ରଭାତ ଲେଙ୍କା, ରବିନ୍ଦ୍ର ଜେନା, ଅଶୋକ ବାରିକ ଏବଂ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ଼ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ଜଳଖିଆ ଦୋକାନ, ଢାବା, ଗ୍ୟାରେଜ, ପାନ ଦୋକାନ ଓ ଅନ୍ୟାନ୍ୟ ୨୨ଟି ବେଆଇନ ନିର୍ମାଣକୁ ବୁଲଡୋଜର ଲଗାଇ ଉଚ୍ଛେଦ କରାଯାଇଥିଲାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ବଙ୍କକୁଦଠାରୁ କଟକ ଶିଖରପୁର ପର୍ଯ୍ୟନ୍ତ ଜବର ଦଖଲ ଉଚ୍ଛେଦ କାର୍ଯ୍ୟ ଚାଲିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୩ ମସିହା ନଭେମ୍ବର ୨୭ ତାରିଖରେ ପ୍ରଶାସନ ତରଫରୁ ଫୁଲନଖରା ବଜାରରୁ ବେଆଇନ ଜବର ଦଖଲ ଉଚ୍ଛେଦ କରାଯାଇଥିଲା।

## ଧର୍ମଶାଳା ମହୋତ୍ସବ ଓ ଲକ୍ଷ୍ମୀନାରାୟଣ ପୂଜା ଉପଲକ୍ଷେ ପ୍ରସ୍ତୁତି ବୈଠକ




ଧର୍ମଶାଳା (ପିଏନ୍): ଧର୍ମଶାଳା ମହୋତ୍ସବ ପୂଜା କମିଟି ଆନୁକୁଲ୍ୟରେ ଚଳିତ ବର୍ଷ ଲକ୍ଷ୍ମୀନାରାୟଣ ପୂଜା ଓ ଧର୍ମଶାଳା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାରକାସ୍ଥିତ ସିଭିକ ସେଂଟର ପରିସରରେ ସଭାପତି ଜଳଧର ମହାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୧୬ ତାରିଖ ଧନୁସଂକ୍ରାନ୍ତିଠାରୁ ଲକ୍ଷ୍ମୀ ନାରାୟଣ ପୂଜା ଆରମ୍ଭ ହେବା ସହ ୨୫ ତାରିଖରୁ ଧର୍ମଶାଳା ମହୋତ୍ସବ ଉଦଘାଟନ କରାଯିବାକୁ ସ୍ଥିର ହୋଇଛି। ଏହି ଅବସରରେ ଜାରକା ଲକ୍ଷ୍ମୀନାରାୟଣ ପୂଜା ମଣ୍ଡପରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ମହୋତ୍ସବ ଉଦଘାଟନଠାରୁ ଉଦଯାପନ ପର୍ଯ୍ୟନ୍ତ ରାଜ୍ୟ ଓ ରାଜ୍ୟ ବାହାର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଏହି ବୈଠକରେ କମିଟିର ସଦସ୍ୟମାନଙ୍କୁ ବିଭିନ୍ନ ଦାୟିତ୍ୱ ବଂଟନ କରାଯାଇଥିଲା। ଏଥିରେ କମିଟିର ଉପସଭାପତି ଇନ୍ଦ୍ରମଣି ନାୟକ, ସହ ସମ୍ପାଦକ ଆନନ୍ଦ ନାୟକ, କୋଷାଧ୍ୟକ୍ଷ ସୁଦୀପ୍ତ ସ୍ୱାଇଁ ରାଜ କୁମାର ଶତପଥୀ,କିଶୋର ନାୟକ, ଅଜୟ କୁମାର ନାୟକ, ଜଳଧର ସାହୁ, ବିଚିତ୍ର ସ୍ୱାଇଁ, କ୍ଷିରୋଦ ମୁଦୁଲି, ରାମଚନ୍ଦ୍ର ମଲିକ, ଅନିରୁଦ୍ଧ ରାଉତ, ନିର୍ମଳ ପ୍ରଧାନ, ପୁର୍ଣ୍ଣଚନ୍ଦ୍ର ଶତପଥୀ, ଆକୁଳି ସ୍ୱାଇଁ, ରବିନାରାୟଣ ସାହୁ,ପ୍ରତାପ ପ୍ରଧାନ, ମନୋଜ ଦାସ, ମାନସ ମହାନ୍ତି, କାଶିନାଥ ସାହୁ, ମଦନ ନାୟକ, ସୁଦାମ ବେହେରା, ସବ୍ୟସାଚୀ ବେହେରା,ସବ୍ୟସାଚୀ ସୁନ୍ଦରରାୟ, ଧରଣୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ଓ ଝରଣା ଦାସଙ୍କ ବିୟୋଗରେ ଶୋକ

ଧର୍ମଶାଳା (ପିଏନ୍): ଓଡିଆ ଭାଷା ସାହିତ୍ୟର ଗବେଷକ ତଥା ଅତିବଡି ଜଗନ୍ନାଥ ଦାସ ପୁରସ୍କାର ପ୍ରାପ୍ତ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ, ଓଡିଆ ଚଳଚିତ୍ର ଜଗତର ବର୍ଷିଆନ ଅଭିନେତ୍ରୀ ଝରଣା ଦାସ ଓ ବିଶିଷ୍ଟ ଔପନ୍ୟାସିକା ଗୀତା ହୋତାଙ୍କ ବିୟୋଗରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ପ୍ରଫେସର ଆଚାର୍ଯ୍ୟ ଓଡିଶା ସାହିତ୍ୟ ଏକାଦେମୀର ସର୍ବୋଚ୍ଚ ପୁରସ୍କାର ଅତିବଡି ଜଗନ୍ନାଥ ଦାସ, କେନ୍ଦ୍ର ସାହିତ୍ୟ ଏକାଦେମୀ ଓ ବହୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଥିଲେ। ତାଙ୍କ ରଚିତ ଗ୍ରନ୍ଥ ଗୁଡିକ ମଧ୍ୟରେ ସାହିତ୍ୟ ଓ ସାହିତ୍ୟିକ, ସ୍ରଷ୍ଟା ଓ ସୃଷ୍ଟି, ଓଡିଆ କାବ୍ୟ କୌଶଳ, ଓଡିଆ ଅସ୍ମିତା ସନ୍ଧାନ ଆଦି ୨୦ଟି ସମ୍ପାଦିତ ପୁସ୍ତକ ପ୍ରକାଶ ପାଇଛି। ସେହିପରି ଚଳଚିତ୍ର ଜଗତର ବର୍ଷିଆନ କଳାକାର ଝରଣା ଦାସଙ୍କ ବିୟୋଗରେ ଓଡିଆ ଚଳଚିତ୍ର ଜଗତରେ ଜଗତ ସ୍ତବ୍ଧ ହୋଇପଡିଛି। ସେହିପରି ବିଶିଷ୍ଟ ଔପନ୍ୟାସିକା ଗୀତା ହୋତାଙ୍କ ଲିଖିତ ମନବୀଣା ପୁସ୍ତକ ସମସ୍ତଙ୍କ ଆଦର ଲାଭ କରିଥିଲା। ତାଙ୍କ ସମ୍ପାଦନାରେ ଅମୃତାୟନ ପରି ଏକ ପତ୍ରିକା ଦୀର୍ଘ ୫୦ ବର୍ଷ ଧରି ଚାଲିଆସିଛି। ଏମାନଙ୍କ ବିୟୋଗରେ ଓଡିଶା ସାହିତ୍ୟ ଜଗତ ଓ ଚଳଚିତ୍ର ଜଗତରେ ଅପୁରଣୀୟ କ୍ଷତି ଘଟିଲା ବୋଲି ଧର୍ମଶାଳା ଅଂଚଳର ବହୁ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ମତପ୍ରକାଶ ପାଇଛି। ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ରମାକାନ୍ତ ଜେନା, ବରିଷ୍ଠ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା, ପ୍ରଫେସର ବିଜୟ କୁମାର ଶତପଥୀ, ଧର୍ମଶାଳା ସାହିତ୍ୟ ସମାଜର ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଡ. ତୁହିନାଂଶୁ ରଥ, ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି, ଶୁଭ ସକାଳର ଉପସଭାପତି ମିନତୀ ସାହୁ, ପୂର୍ବତନ ସାଂସଦ ରୀତା ତରାଇ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ଶକ୍ତି ଉତ୍ତୋଳନରେ ପ୍ରଭାକରଙ୍କୁ ସ୍ୱର୍ଣ୍ଣ



ଫୁଲନଖରା (ପିଏନ୍)-ରାଜ୍ୟସ୍ତରୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ସଦର ଥାନା ଆମଣ ପଞ୍ଚାୟତ ଅନ୍ତର୍ଗତ ଅଡ଼ାଳିଆ ଗ୍ରାମର ପ୍ରଭାକର ସେଠୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ରାୟଗଡ଼ାଠାରେ ଅନୁଷ୍ଠିତ ପ୍ରଥମ କଳିଙ୍ଗ ଓପନ ଭାରୋତ୍ତୋଳନ ଚମ୍ପିଆନସିପରେ ପ୍ରଭାକର ଚମତ୍କାର ପ୍ରଦର୍ଶନ କରି ମାଷ୍ଟର୍ସ ବିଭାଗରେ ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟରୁ ଦୁଇଶହ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏହା ପୂର୍ବରୁ ପ୍ରଭାକର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହି ସଫଳତା ପାଇଁ ଆମଣ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟା ସୁଭାସିନି ସେଠୀ, ଗୁରୁ ରୁଦ୍ରନାରାୟଣ ସାହୁ, ବିଚିତ୍ରାନନ୍ଦ ନାୟକ, ସୌମ୍ୟ, ଆକାଶ, ରାକେଶ, ଅଭୟ, ରୋନିତ ଓ ରକି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ପୂର୍ବ ଶତ୍ରୁତାକୁ ନେଇ ମାରପିଟ୍, ୩ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କମ୍ପାଲୁ ଓ ମଙ୍ଗରାଜପୁର ଗ୍ରାମର ଦୁଇ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଘଟିଥିବା ଗଣ୍ଡଗୋଳ ଘଟଣାରେ ପୁଲିସ ୩ଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ କମ୍ପାଲୁ ଗ୍ରାମର କୃପାସିନ୍ଧୁ ସାହୁ ଓ ଲକ୍ଷ୍ମୀଧର ସାହୁଙ୍କ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ୬ ତାରିଖରେ ଗଣ୍ଡଗୋଳ ଘଟି ଉଭୟ ପରିବାରରେ ୮ଜଣ ଆହତ ହୋଇଥିଲେ। ଏନେଇ ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଆଧାରକରି ପୁଲିସ ୩୫୨/୨୨ ଓ ୩୫୩/୨୨ରେ ଦୁଇଟି କେଶ ରୁଜୁ କରି ତଦନ୍ତ ଚଳାଇବା ସହ ଏହି ଘଟଣାରେ ପୁଲିସ ମଙ୍ଗରାଜପୁର ଗ୍ରାମର ଲକ୍ଷ୍ମୀଧର ସାହୁ (୬୦), ଜଗବନ୍ଧୁ ସାହୁ (୩୦) ଓ କମ୍ପାଲୁ ଗ୍ରାମର କୃପାସିନ୍ଧୁ ସାହୁ (୪୫)ଙ୍କୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି ବୋଲି ଜେନାପୁର ଥାନା ଏସଆଇ ସୌମ୍ୟରଂଜନ ଭୋଳ ସୂଚନା ଦେଇଛନ୍ତି।




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠିରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ, ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି, କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଜାତୀୟ ସେବା ଯୋଜନା ୟୁନିଟ୍ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ସଚେତନତା ଦିବସ ପାଳିତ

ନୂଆପଡ଼ା,(ପି.ଏନ): ଖଡ଼ିଆଳ ସ୍ଥିତ ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ୍ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି । ଏନ୍.ଏସ୍.ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ସୁରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ପରିଚାଳିତ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଡକ୍ଟର ତରୁଣ କୁମାର ପ୍ରଧାନଙ୍କ ସହ ଅଧାପକ ପଦ୍ମଲୋଚନ ବର୍ମା, ଅଧାପକ ରଣବୀର ସିଂ, ମୁଖ୍ୟ କ୍ଲର୍କ ସୁଘୋଷ କୁମାର ପଟ୍ଟନାୟକ, କ୍ଲର୍କ ଦୁର୍ଲ୍ଲଭ ବେହେରା, ଲାଇବ୍ରେରିଆନ ରତ୍ନାକର ସାହୁ, କର୍ମଚାରୀ ରଞ୍ଜୁ ନାୟକ ଓ ଚିତ୍ତରଞ୍ଜନ ପଟେଲ ଯୋଗଦେଇଥିଲେ । ଚଳିତ ବର୍ଷ ବିଶ୍ୱ ତମାଖୁ ବର୍ଜନ ଦିବସର ବିଷୟବସ୍ତୁ: 'ଆମେ ଖାଦ୍ୟ ଚାହୁଁ, ତମାଖୁ ନୁହଁ' ତାକୁ ନେଇ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା । ତାସହିତ ଆଗାମୀ ଦିନରେ ତମାଖୁ ଚାଷୀଙ୍କ ପାଇଁ ବିକଳ୍ପ ଶସ୍ୟ ଉତ୍ପାଦନ ଓ ବିକ୍ରୟ ସୁଯୋଗ ସୃଷ୍ଟି ସହ ସ୍ଥାୟୀ ଓ ପୌଷ୍ଟିକ ଶସ୍ୟ ଫଳାଇବା ପାଇଁ ଗୁରୁତ୍ୱ ଦେବାକୁ ବୁଝାଯାଇଥିଲା । ପରେ ସ୍ୱେଚ୍ଛାସେବୀ ମାନେ ନିଜେ ନିଶା ସେବନ (ଭାଙ୍ଗ, ବିଡ଼ି, ସିଗାରେଟ୍, ଗୁଟୁଖା ଓ ଘୁଡ଼ାଖୁ ଆଦିକୁ) ବର୍ଜନ କରିବା ସହ ଅନ୍ୟ ମାନଙ୍କୁ ମଧ୍ୟ ନିଶା ସେବନରୁ ଦୂରେଇ ରହିବାକୁ ପରାମର୍ଶ ଦେବାପାଇଁ ଏବଂ ନିଶା ମୁକ୍ତ ବିଶ୍ୱ ଓ ସୁସ୍ଥ ସମାଜ ଗଠନ କରିବାକୁ ଶପଥ ପାଠ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ସରୋଜ କଲତା, ଶୁଭମ୍ ସିଂ ନିନା, ସୁବାସ ଚନ୍ଦ୍ର ବାଗ, ଅଙ୍କିତା ଦଣ୍ଡସେନା, ସୁନେଲି ତାଣ୍ଡି, ଦିପ୍ତିମୟୀ ବେହେରା, ସ୍ନେହା ଦାସ, ଗୁଲ୍ସନ କୁମାର ସତନାମି, ରୋଷନ୍ ବଘେଲ ଓ ମାନସ ସାଗର ଆଦି ପ୍ରମୁଖ ଉପସ୍ଥିତ ରହିଥିଲେ । ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ସୁରଞ୍ଜନ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଭାରସାମ୍ୟ ରକ୍ଷା କରି ନପାରି ନାଳରେ ଓଲଟିଲା କାର

ଜୟପୁର, (ପି.ଏନ): ଜୟପୁର ବିକ୍ରମ ନଗର ଦେଇ ଯାଇଥିବା ଚିକିଟିନାଳରେ ଓଲଟିଲା କାର । ଭାରସାମ୍ୟ ରକ୍ଷା କରି ନପାରି ଓଲଟିଲା କାର । କାରଟି ଚିକିଟିନାଳରେ ପଡିଥିଲା ।ଫଳରେ ଚାଳକ ଆହତ ହୋଇଥିବା ଜଣାଯାଇଛି । ଅଣ ଓସାରିଆ ରାସ୍ତା ହୋଇଥିବାରୁ ଏପରି ଭାରସାମ୍ୟ ରକ୍ଷା କରି ନପାରି ଓଲଟି ଥିବା ନେଇ ଜଣାଯାଇଛି ।

# ପିଇଓ ବଦଳାଇଦେଲେ ବିକାଶର ନକ୍ସା

ମାଲକାନଗିରି, (ପି.ଏନ): ବିକାଶ ଦେଖିନଥିବା ଏବଂ ଗାଁରେ ଅଭିଶପ୍ତ ଜୀବନ ନେଇ ବଂଚୁଥିବା ଲୋକଙ୍କ ପାଇଁ ପାନୀୟ ଜଳ , ରାସ୍ତାଘାଟ , ବିଦ୍ୟୁତ ଭଳି ମୌଳିକ ସୁବିଧା ଯେପରି ସାତ ସପନ ଲାଗି ରହିଥିଲା । ସଦର ଠାରୁ ମାତ୍ର ୬ କିଲୋମିଟର ଦୂରରେ ଥିବା ଗାଁ ସରକାରୀ ଦସ୍ତାବିଜ ତଳେ ଚାପି ହୋଇ ରହିଥିଲା । ପ୍ରତିବାଦ କରି ସ୍ୱର ସାଣିତ କରିବା ଲୋକେ ମଧ୍ୟ ଥରୁଟିଏ ପ୍ରଶାସନ ନିକଟରେ ପହଂଚି ବାଟ ଫିଟାଇବାକୁ କହିନଥିଲେ । ହେଲେ ଆଖି ପଡିଲା ପିଇଓଙ୍କୁ । ସରପଂଚଙ୍କୁ ଧରି ପାଦରେ ଚାଲି ଗାଁରେ ପହଂଚି ମାସକ ମଧ୍ୟରେ ଗାଁର ନକ୍ସା କରିଛନ୍ତି ପରିବର୍ତ୍ତନ । ତାହାପୁଣି ବିକାଶର ନକ୍ସା । ମୌଳିକ ସୁବିଧାକୁ ଗୁରୁତ୍ୱ ଦେଇ ସୋଲାର ପ୍ରକଳ୍ପ ମାଧ୍ୟମରେ ଗାଁରେ ଲାଗିଛି ବିଦ୍ୟୁତ । ଏପଟେ ପାନୀୟ ଜଳର ବ୍ୟବସ୍ଥା ମଧ୍ୟ କରିଛି ପଂଚାୟତ । ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଦାମଦୋରଗୁଡା ଗାଁର ଅଭିଶପ୍ତକୁ ଛେଦ କରି ବିକାଶର ବାଟ ଫିଟାଇଛନ୍ତି ମାଥିଲି ପିଇଓ ଅଶୋକ ମହାରଣା । ତେବେ ପିଇଓ ମହାରଣାଙ୍କ ସମସ୍ତ ଯୋଜନାକୁ ସମର୍ଥନ କରି ଗାଁରେ ବିକାଶ ତୋଳିବାକୁ ମାଥିଲି ସରପଂଚ କାନାମରାଜୁ ନାୟକ ମଧ୍ୟ ସହଯୋଗ କରିଛନ୍ତି । ଦାମଦୋରଗୁଡା ଗାଁ ଦୀର୍ଘଦିନରୁ ସରକାରୀ ମୌଳିକ ସୁବିଧାରୁ ବଂଚିତ ହୋଇଥିଲା । ଦଶନ୍ଧି ଦଶନ୍ଧି ପରେ ମଧ୍ୟ ଗାଁରେ ସରକାରୀ ସୁବିଧା ପାଇବାକୁ ସ୍ୱପ୍ନ ଦେଖିବାକୁ ମିଳିଥିଲା । ହେଲେ ଗାଁ ସମ୍ପର୍କରେ ଜାଣିବା ପରେ ବିକାଶ ତୋଳିଛି ପଂଚାୟତ । ପ୍ରଥମେ ଗାଁରେ ବିଦ୍ୟୁତ ପାଇଁ ସୋଲାର ପ୍ରକଳ୍ପ ଆରମ୍ଭ କରିଥିଲା । ଏଥିରୁ ସୁବିଧା ପାଇ ଗାଁ ଲୋକେ ଅନ୍ଧାରରୁ ଆଲୋକର ମଜା ନେଉଛନ୍ତି । ସେହିପରି ଏକ ସୋଲାର ମୋଟର ମାଧ୍ୟମରେ ଚୁଆକୁ ବିଶୁଦ୍ଧ କରି ପିଇବା ପାଣିର ବ୍ୟବସ୍ଥା ହୋଇଛି । ଆଗାମୀ ଦିନରେ ଗାଁରେ ବିଭିନ୍ନ ପ୍ରକଳ୍ପ ରଖି ବିକାଶର ମୁଖ୍ୟସ୍ରୋତ ରେ ସାମିଲ କରିବାକୁ ଉଦ୍ୟମ ଜାରି ରଖିଥିବା ମାଥିଲି ପିଇଓ ଅଶୋକ ମହାରଣା କହିଛନ୍ତି । ସେହିପରି ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ପଂଚାୟତରେ ବିଭିନ୍ନ ପ୍ରକଳ୍ପ ରଖି ଲୋକଙ୍କୁ ବିକାଶ ପଥରେ ନିଆଯିବ ବୋଲି ମାଥିଲି ସରପଂଚ କାନାମରାଜୁ ନାୟକ ସୂଚନା ଦେଇଛନ୍ତି । ଅଭିଶପ୍ତ ଗାଁରେ ବିକାଶ ଦେଖାଇଥିବା ପିଇଓ ମହାରଣାଙ୍କୁ ସ୍ଥାନୀୟ ଲୋକେ ଖୁବ ପ୍ରଂଶସା କରି ଛନ୍ତି !

# ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ଦାନ୍ତ ଚିକିତ୍ସକ ସଂଘ ଦ୍ୱାରା ସଚେତନତା ପ୍ରଦର୍ଶନୀ ଅନୁଷ୍ଠିତ

ବଲାଙ୍ଗିର ,(ପି.ଏନ): ବିଶ୍ୱ ତମାଖୁ ବର୍ଜନ ଦିବସ ୨୦୨୩ ଉପଲକ୍ଷେ ଆଜି ବଲାଙ୍ଗିର ରୁଗୁଡି ପଡ଼ା ଭାଗିରଥି ଛକ ଠାରେ ତମାଖୁ ବ୍ୟବହାର ଦ୍ୱାରା ହେଉଥିବା ମୁଖ କର୍କଟ ତଥା ହେଉଥିବା ରୋଗ ସମ୍ପର୍କରେ ଚିତ୍ର ପ୍ରଦର୍ଶନୀ ଭିଡିଓ କ୍ଲିପ୍ ପ୍ରଦର୍ଶନ କରାଯାଇଥିଲା । ଭାରତୀୟ ଦାନ୍ତ ଚିକିତ୍ସକ ସଂଘ ରୟାଲ ଶାଖା ବଲାଙ୍ଗିର ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀ କୁ ବଲାଙ୍ଗିର ଜିଲ୍ଲାପାଳ ଚଞ୍ଚଳ ରାଣା ଯୋଗଦେଇ ଉଦ୍ଘାଟନ କରିଥିଲେ । ପ୍ରଦର୍ଶନୀ ଦେଖିଲା ପରେ ପ୍ରଶଂସା କରି ଦନ୍ତ ଚିକିତ୍ସକ ମାନଙ୍କ ଏହି ମହତ କାର୍ଯ୍ୟ ପାଇଁ ଉତ୍ସାହିତ କରିଥିଲେ । ପ୍ରଦର୍ଶନୀ ବାହାରେ ଏକ ସାହାଯ୍ୟ ଟେବୁଲ ରେ ଟବାକୋ ବ୍ୟବହାର କାରୀ ମାନଙ୍କୁ ବର୍ଜନ ପାଇଁ ପରାମର୍ଶ ଦିଆଯାଇଥିଲା । ସମାଜ ର ବିଭିନ୍ନ ବର୍ଗର ନାଗରିକ ପ୍ରଦର୍ଶନୀ ବୁଲି ଦେଖି ଥିଲେ । ଦେଶରେ କର୍କଟ ବ୍ୟାପିବାର ମୁଖ୍ୟ ହେଉଛି ତମାଖୁର ବହୁଳ ପ୍ରଚଳନ, ଆମକୁ ଦୃଢତା ର ସହିତ ଏହାର ବ୍ୟବହାର କୁ ବନ୍ଦ କରିବା ଆବଶ୍ୟକ ବୋଲି ଆଇ ଡି ଏ ରୟାଲ ଶାଖା ବଲାଙ୍ଗିର ସଭାପତି ଡା ଆକାଶ ଜୈନ କହିଛନ୍ତି । ସମ୍ପାଦକ ଡ଼ା ଜସ୍ୱିର ମେହେର କୋଷାଧକ୍ଷ ଡ଼ା ପଞ୍ଚଜନ୍ୟ ପଣ୍ଡା ବରିଷ୍ଟ ସଦସ୍ୟ ଡାକ୍ତର ଅଭୟ, ଡ଼ା ସୁଶୋଭିତା , ଶ୍ରିୟେସ, ଅଭିଷେକ, ସନ୍ତୋଷ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ । ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଳିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଳିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରାଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।




ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Friday June 02, 2023 ଭୁବନେଶ୍ୱର ଶୁକ୍ରବାର, ଜୁନ ୦୨,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ବିଶ୍ୱ ତମାଖୁ ଦିବସ ପାଳନ



ଭୁବନେଶ୍ୱର ,(ପି.ଏନ): ତମାଖୁ ସେବନ ଆଜିର ସମାଜରେ ଏକ ବ୍ୟାଧି ର ରୂପ ନେଇଛି । ଏହାର ସେବନ ଯୋଗୁଁ ପ୍ରତିବର୍ଷ ଭାରତ ବର୍ଷରେ ୧.୩୫ ନିୟୁତ ଲୋକଙ୍କର ମୃତ୍ୟୁ ଘଟୁଛି ଏବଂ ଏଥିରୁ ନିର୍ଗତ ଧୂଆଁ ର ସେବନ ଯୋଗୁଁ ୧.୨ ନିୟୁତ ଲୋକଙ୍କର ମୃତ୍ୟୁ ଘଟୁଛି । ଭାରତରେ କ୍ୟାନସର ଜନିତ ମୃତ୍ୟୁର ୨୭% କେବଳ ତମାଖୁ ସେବନ ଯୋଗୁଁ ହୋଇଥାଏ । ବିଶ୍ୱ ତମାଖୁ ଦିବସ ପାଳନ ର ଉଦ୍ଦେଶ୍ୟ ହେଲା ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ତମାଖୁ ଜନିତ ମୃତ୍ୟୁ ହାରକୁ କମାଇବା । ଏହି ଉଦ୍ଦେଶ୍ୟରେ ପିପୁଲସ୍ କଲ୍‌ଚ୍ରାଲ ସେଣ୍ଟର (ପିକକ୍), ରୟାଲ କଲେଜ ଅଫ ସାଇନ୍ସ ଓ ଟେକନୋଲଜି, ଭୁବନେଶ୍ୱର ଓ କୋଆଲିସନ ଫର ଟବାକୋ ଫ୍ରି ଓଡିଶା ସହଯୋଗରେ ବିଶ୍ୱ ତମାଖୁ ଦିବସ ପାଳିତ ହୋଇଥିଲା । ଏଥିରେ ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଗୋଷ୍ଠି ଭାଗ ନେଇଥିଲେ । ପିକକ୍ ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି କୋଟପା ଆଇନ ର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିବା ସହିତ ଯୁବଗୋଷ୍ଠି ଙ୍କୁ ତମାଖୁ ମୁକ୍ତ ସମାଜ ଗଠନ ପାଇଁ ଉତ୍ସାହିତ କରିଥିଲେ । ଯୁବଗୋଷ୍ଠି ସଚେତନ ହେଲେ ତମାଖୁ ସେବନକୁ ରୋକାଯାଇ ପାରିବ ବୋଲି ସେ ମତ ବ୍ୟକ୍ତ କରିଥିଲେ । ରୟାଲ କଲେଜ ର ଅଧକ୍ଷ ବିଷ୍ଣୁ ମୋହନ ମହାନ୍ତି ମଧ ଯୁବଗୋଷ୍ଠି ଙ୍କୁ ତମାଖୁ ସେବନରୁ ଦୂରେଇ ରହିବାକୁ ପରାମର୍ଶ ଦେବାସହିତ ସେମାନଙ୍କୁ ସେମାନଙ୍କ ପରିବାର ଓ ସମାଜ କୁ ତମାଖୁ ମୁକ୍ତ କରିବା ନିମନ୍ତେ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିକକ୍ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ତମାଖୁ ମୁକ୍ତ ସମାଜ ଗଠନରେ ଛାତ୍ର ଓ ଯୁବଗୋଷ୍ଠିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ପିକକ୍ ର ସଂଯୋଜକ ସତ୍ୟଶିବ ରଥ ତମାଖୁ ସେବନ ଓ ଏଥିଜନିତ ସୃଷ୍ଟି ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ଉପରେ ଯୁବଗୋଷ୍ଠିଙ୍କୁ ଅବଗତ କରାଇଥିଲେ । ଏହି ସଭାରେ ଯୁବଗୋଷ୍ଠି ତମାଖୁ ମୁକ୍ତ ସମାଜ ଗଠନ ପାଇଁ ଶପଥ ନେଇଥିଲେ । ପିକକ୍ ର ଜ୍ୟୋତିଶଙ୍କର ମହାନ୍ତି, ଅଞ୍ଜନା ଦାସ, ହରିହର ବଳବନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚ୍ାଳନା କରିଥିଲେ । ବିଶ୍ୱ ତମାଖୁ ଦିବସ ପରିପ୍ରେକ୍ଷୀରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଭୁବନେଶ୍ୱର, କମିଶନରେଟ ପୋଲିସ କଟକ-ଭୁବନେଶ୍ୱର ଓ ପିକକ୍ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଟ୍ରାଫିକ୍ ଛାତ୍ର ଓ ଯୁବସ୍ୱେଚ୍ଛାସେବୀ ମାନେ ବିଶ୍ୱ ତମାଖୁ ଦିବସର ବିଭିନ୍ନ ବାର୍ତ୍ତା ଥିବା ଟି-ସାର୍ଟ ପରିଧାନ କରି ଟ୍ରାଫିକ୍ ପରିଚ୍ାଳନା କରିଥିଲେ । ଏଥିସହିତ ପିକକ୍ ର ବିଭିନ୍ନ କାର୍ଯ୍ୟକ୍ଷେତ୍ର ଯଥା ବାଲିଅନ୍ତା, ଖୋର୍ଦ୍ଧା ଏନଏସି, ବିଏମସି, କେନ୍ଦୁଝର ର ପାଟଣା ବ୍ଲକ, ବାଲେଶ୍ୱର ର ଭୋଗରାଇ ବ୍ଲକ ଆଦି ସ୍ଥାନରେ ଯୁବଗୋଷ୍ଠି, ମହିଳା ଓ ପିଲାମାନଙ୍କ ଦ୍ୱାରା ସଚେତନତା ରାଲି, ବାର୍ତ୍ତା, ସଭା ଇତ୍ୟାଦି ର ଆୟୋଜନ କରାଯାଇ ଲୋକମାନଙ୍କୁ ତମାଖୁ ସେବନର ଭୟାଭୟତା ଉପରେ ସଚେତନତା କରଯାଇଥିଲା ।

# ମାଲକାନଗିରି କାଳବୈଶାଖୀ ଝଡରେ ଭୁଷୁଡି ପଡିଲା ନିର୍ମାଣଧୀନ ଏୟାର୍ ଷ୍ଟ୍ରିପର ପାଚେରୀ, ୫ ଶ୍ରମିକ ଆହତ

ମାଲକାନଗିରି,(ପି.ଏନ): ଆଜି ଅପରାହ୍ନ ରେ ମାଲକାନଗିରି ଜିଲ୍ଲା ସଦର ମହକୁମାରେ କାଳବୈଶାଖୀ ଝଡରେ ଭୁଷୁଡି ପଡିଲା ନିର୍ମାଣଧୀନ ମାଲକାନଗିରି ଏୟାର୍ ଷ୍ଟ୍ରିପର ପାଚେରୀ । ପାଚେରୀ ତଳେ ଚାପି ହୋଇ ୫ ଜଣ ଶ୍ରମିକ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି ।ଏହାସହ ମାଲକାନଗିରି ସହରର ବିଭିନ୍ନ ସ୍ଥାନରେ ଭାଙ୍ଗି ପଡିଛି ଗଛ । ୩୨୬ ନମ୍ବର ଜାତୀୟ ରାଜପଥ ଓ ମାଲକାନଗିରି - ବାଲିମେଳା ର ଅନେକ ସ୍ଥାନରେ ବଡ଼ ବଡ଼ ଗଛ ପଡି ରାସ୍ତା ଅବରୋଧ ହୋଇଛି । ଲୋକଙ୍କ ଚାଳ ଓ ଟିଣ ଛପର ଉଡିଯାଇଛି । ଜିଲ୍ଲା କଂଗ୍ରେସ ଭବନ ମଧ କାଳବୈଶାଖି ତାଣ୍ଡବରୁ ବାଦ ପଡିନାହିଁ । ବିଭିନ୍ନ ସ୍ଥାନରେ ବିଦ୍ୟୁତ ଖୁଂଟ ବଙ୍କା ହୋଇଯାଇଛି । ତିନି ଘଂଟାରୁ ଅଧିକ ସମୟ ଧରି ମାଲକାନଗିରି ସହରରେ ବିଦ୍ୟୁତ ନାହିଁ। ଦମକଳ ବାହିନୀ ବିଭିନ୍ନ ସ୍ଥାନରେ ପହଂଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି । ତହସିଲ କାର୍ଯ୍ୟାଳୟ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇ ତୁରନ୍ତ ଲୋକଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି ଅତିରିକ୍ତ ତହସିଲଦାର କହିଛନ୍ତି ।

## ଫେରାର ଅଭିଯୁକ୍ତ ଗିରଫ

ଜୟପୁର , ୩୦ ମଇ (ହି.ସ.)ଫେରାର ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଫାମ୍ପୁଣିର ଘାସି ପୁଜାରି (୫୯) । ପୋଲିସ ସୁଚନା ଅନୁଯାୟୀ ଜୟପୁର ସଦର ଥାନା ଅନ୍ତର୍ଗତ ଫାମ୍ପୁଣିର ଘାସି ପୁଜାରି ନାମରେ ଥାନାରେ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ସେ ଫେରାର ଥିବା ବେଳେ ଆଜି ଫାମ୍ପୁଣିରୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

# ଅନ୍ତର୍ଜାତୀୟ ଚ଼ିତ୍ରକଳା ଶିବିରରେ ସମ୍ବର୍ଦ୍ଧିତ ହେଲେ ଓଡ଼ିଆ ଶିଳ୍ପୀ



ଭୁବନେଶ୍ୱର ,(ପି.ଏନ): ଆସାମର ଗୌହଟି ଠାରେ ରାଉଣ୍ଡ ସରଫେସ ସଂସ୍ଥା ଦ୍ୱାରା ଆୟୋଜନ କରାଯାଇ ଥିବା ୬ଦିନିଆ ଏକ ଅନ୍ତର୍ଜାତୀୟ ଚ଼ିତ୍ରକଳା ପ୍ରଦର୍ଶନୀ ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଂଲାଦେଶ, ଶ୍ରୀଲଙ୍କା, ନେପାଳ ଓ ଭାରତର ୩୪ଜଣ ଶିଳ୍ପୀଙ୍କ ୧୦୫ଟି କଳାକୃତି ପ୍ରଦର୍ଶିତ ହୋଇଥିଲା । ଏହି ପ୍ରଦର୍ଶନୀଟି ଗୌହାଟୀ କଳା କ୍ଷେତ୍ରର ଲଳିତ କଳା ଭବନ ଠାରେ ଆୟୋଜିତ ହୋଇଥିଲା । ଉତ୍ସବରେ ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ଚ଼ିତ୍ରଶିଳ୍ପୀ ମୁନିନ୍ଦ୍ର ନାରାୟଣ ଭଟ୍ଟାଚ଼ାରୟୀ, ଦୁର୍ଲଭ ଭଟ୍ଟାଚ଼ାରୟୀ ଓ ଅଭିନେତା ଜେରୀନା ବରୁଆ ପ୍ରମୁଖ ଯୋଗଦେଇ ପ୍ରଦର୍ଶନୀ ଉଦଘାଟନ କରିଥିଲେ । ଓଡିଶାରୁ ଭାଗନେଇଥିବା ୩ ଉଦୀୟମାନ ଶିଳ୍ପୀ ଚ଼ନ୍ଦନ, କୁମାର ସାମଲ, ମୁକ୍ତିପଦ ନନ୍ଦୀ ଓ ସୂଭସ୍ମିତା ଘଡ଼ାଇଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କର କଳାକୃତିକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ରାଉଣ୍ଡ ସରଫେସର ଚେୟାରମ୍ୟାନ ଡ଼. ମିଥୁନ ଦାସ, ସମ୍ପାଦକ ବିଶ୍ୱଜିତ ଡୋମ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ପ୍ରଦର୍ଶନୀରେ ଭାଗନେଇଥିବା କଳାକାର ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୈପାରିଗୁଡାରେ ଗୌଡ଼ ଗର୍ଜନ ସମାବେଶ

ଜୟପୁର , (ପି.ଏନ): କୋରାପୁଟ ଜିଲ୍ଲା ବୈପାରିଗୁଡା ଠାରେ ଗୌଡ଼ ଗର୍ଜନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ସଂଖ୍ୟାରେ ଗୌଡ଼ ସମାଜର ଲୋକ ବୈପାରିଗୁଡା ରାଜରାସ୍ତାରେ ବିଭିନ୍ନ ଦାବି ନେଇ ଗର୍ଜନ କରିଥିଲେ । ପ୍ରଥମେ ବିରଖମ୍ବ ମନ୍ଦିର ଛକ ଠାରୁ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟରେ ପହଂଚି ସମାଜ ପକ୍ଷରୁ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା। ପୁଣି ଶୋଭାଯାତ୍ରାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ରେ ପହଂଚିଥିଲା। ସେଠାରେ ମଧ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହାପରେ ଜିଲ୍ଲା କାର୍ଯ୍ୟକାରି ସଭାପତି ସାଥୀରାମ ନାୟକଙ୍କ ନେତୃତ୍ୱରେ ବୈପାରିଗୁଡା ପାଠାଗାର ଠାରେ ଏକ ବୈଠକର ଆୟୋଜନ କରାଯାଇଥିଲା । ଜିଲ୍ଲା ଯାଦବ ମହାସଭା ଦ୍ୱାରା ଆହୁତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଭାପତି ମଦନ ମୋହନ ନାୟକ, ମୁଖ୍ୟବକ୍ତା ଭାବେ ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼, ସମ୍ମାନୀୟ ଅତିଥି ରୂପେ କବିରାଜ ପରମେଶ୍ୱର ପାତ୍ର ଯୋଗ ଦେଇଥିଲେ । ବ୍ଲକ ସଭାପତି କନ୍ଦା ଗୌଡ଼ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବୈଠକରେ ଆଲୋଚନା ହୋଇଥିଲା ଯେ, ଗତ ୧୬-୦୪-୨୦୨୩ରେ ଜୟପୁର ଦଶହରା ପଡ଼ିଆରେ ଯେଉଁ 'ଗୌଡ଼ ଅଧିକାର ସମାବେଶ' ଅନୁଷ୍ଠିତ ହୋଇଥିଲା ତାହାର ସୁଦୂର ପ୍ରସାରୀ ପ୍ରଭାବ ସମାଜରେ ପଡ଼ିଛି ।

# ମହିଳା କୁସ୍ତି ଖେଳାଳି ମାନଙ୍କୁ ଯୌନ ନିର୍ଯ୍ୟାତନା ଦେଇଥିବା ଅଭିଯୁକ୍ତ ବିଜେପି ସାଂସଦଙ୍କୁ ଗିରଫ ଦାବି



ଭୁବନେଶ୍ୱର, (ପି.ଏନ): ଯେଉଁ ମହିଳା କୁସ୍ତି ଯୋଦ୍ଧାମାନେ ଦେଶ ବିଦେଶରେ ନିଜର କଳା କୌଶଳ ପ୍ରଦର୍ଶନ କରି ଦେଶର ସୁନାମ ବୃଦ୍ଧି କରୁଥିଲେ ଏବଂ ସ୍ୱୟଂ ପ୍ରଧାନମନ୍ତ୍ରୀ ତା'ର ଶ୍ରେୟ ନେଉଥିଲେ, ଏବେ ତାହାର ଅସଲ ଚେହେରା ପଦାରେ ପଡ଼ିଯାଇଛି ବୋଲି ଆଜି କୃଷକ ଓ ଶ୍ରମିକ ସଂଗଠନ ମାନଙ୍କ ଡାକରାରେ ଆୟୋଜିତ ପ୍ରତିବାଦରେ କୁହାଯାଇଛି। ମହିଳା କୁସ୍ତି ଯୋଦ୍ଧା ମାନଙ୍କ ପ୍ରତି ଭାରତୀୟ କୁସ୍ତି ମହାସଂଘର ସଭାପତି ତଥା ବିଜେପି ସାଂସଦ ବ୍ରିଜ ଭୂଷଣ ସିଂଙ୍କ ଯୌନ ନିର୍ଯ୍ୟାତନା ଘଟଣାରେ ଶାସକ ବିଜେପିର ଲଜ୍ଜା ଜନକ ନୀରବତା ଓ ଅଭିଯୁକ୍ତଙ୍କୁ ଘଂଟ ଘୋଡାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ନେତୃବୃନ୍ଦ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ମହିଳା କୁସ୍ତି ଯୋଦ୍ଧା ମାନଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଦମନ କରିବା ପାଇଁ ବିଜେପି ସରକାରଙ୍କ ନିର୍ଦ୍ଦେଶରେ ଦିଲ୍ଲୀ ପୋଲିସ ଯେପରି ଅମାନବୀୟ ଓ ବର୍ବୋରୋଚିତ ଆଚରଣ କରିଚାଲିଛି, ତାହାକୁ ସେମାନେ ତୀବ୍ର ନିନ୍ଦା କରିଛନ୍ତି। ସଂଯୁକ୍ତ କୃଷକ ମୋର୍ଚ୍ଚା ଓ ଟ୍ରେଡ଼ ୟୁନିଅନ ମାନଙ୍କର ମିଳିତ ସଂଗଠନ ପକ୍ଷରୁ କୁହାଯାଇଛି ଯେ, 'ବେଟି ପଢ଼ାଓ ଓ ବେଟି ବଢ଼ାଓ' ସ୍ଲୋଗାନ ଦେଉଥିବା ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ଦେଶର ସମ୍ମାନ ମାନଙ୍କୁ ଅସମ୍ମାନିତ କରିବା ଓ ସେମାନଙ୍କୁ ଯୌନ ନିର୍ଯ୍ୟାତନା ଦେବା ଭଳି ଘଟଣା ସାରା ବିଶ୍ୱରେ ଭାରତର ଛବିକୁ ମଳିନ କରିଛି। ଏପରିକି ଅଭିଯୁକ୍ତ ଅପରାଧୀ ବିଜେପି ସାଂସଦଙ୍କ ବିରୋଧରେ ଦିଲ୍ଲୀ ପୋଲିସ ଏତଲା ଗ୍ରହଣ ନ କରିବାରୁ ସେମାନଙ୍କୁ ସୁପ୍ରିମକୋର୍ଟ ଯିବାକୁ ପଡ଼ିଛି। କିନ୍ତୁ ସୁପ୍ରିମକୋର୍ଟର ନିର୍ଦ୍ଦେଶ ସତ୍ତ୍ୱେ ମଧ ଏପର୍ଯ୍ୟନ୍ତ ଅଭିଯୁକ୍ତ ବ୍ରିଜଭୂଷଣ ସିଂଙ୍କୁ ଗିରଫ କରାଯାଇନାହିଁ କିମ୍ବା ଭାରତୀୟ କୁସ୍ତି ମହାସଂଘର ସଭାପତି ପଦରୁ ତାଙ୍କୁ ପଦଚ୍ୟୁତ କରାଯାଇନାହିଁ। ଅପରପକ୍ଷରେ ଖରା ଓ ଶୀତ କାକରରେ ନ୍ୟାୟ ପାଇଁ ଲଢ଼େଇ କରୁଥିବା ମହିଳା କୁସ୍ତି ଯୋଦ୍ଧା ମାନଙ୍କୁ ସୁରକ୍ଷା ଦେବା ତ ଦୂରର କଥା, ଦିଲ୍ଲୀ ପୋଲିସ ରାତିରେ ଗୁଣ୍ଡା ଭଳି ସେମାନଙ୍କ ଉପରେ ଆକ୍ରମଣ କରିଛି, ଯାହା 'କଟା ଘା'ରେ ଲୁଣ ଦେବା ଭଳି ଲଜ୍ଜା ଜନକ ନିଦର୍ଶନ ସୃଷ୍ଟି କରିଛି। ମହିଳା କୁସ୍ତି ଯୋଦ୍ଧାମାନେ ନ୍ୟାୟ ପାଇଁ ରାଜରାସ୍ତାରେ ଆନ୍ଦୋଳନ କରୁଥିବାବେଳେ ଆଇନର ଶାସନ କଥା କହୁଥିବା ଦେଶର ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ଲଜ୍ଜାଜନକ ଭାବେ ନିରବଦ୍ରଷ୍ଟା ସାଜିଛନ୍ତି। କୃଷକମାନଙ୍କ ଆନ୍ଦୋଳନକୁ ଦମନ କରିବା ଓ ପିଟିବା ପରେ ଏବେ ଦେଶ ପାଇଁ ମେଡ଼ାଲ ଆଣିଥିବା ଆମ ଝିଅ ବା ମହିଳା କୁସ୍ତି ଖେଳାଳିଙ୍କ ଉପରେ ମଧ ମୋଦୀ ସରକାର ପୋଲିସ ଲଗାଇ ଅତି ନଗ୍ନ ଭାବେ ଆକ୍ରମଣ ଆରମ୍ଭ କରିଦେଇଛି। ଦିଲ୍ଲୀର ସୀମାକୁ ସିଲ କରାଯାଉଛି। କିନ୍ତୁ ବଳାତ୍କାରୀ ସାଂସଦକୁ ଗିରଫ କରାଯାଉନାହିଁ ଏବଂ ସେ ବାହାରେ ବୁଲି ବୁଲି ଟିଭିକୁ ସାକ୍ଷାତକାର ଦେଇଚାଲିଛି। ଭାରତକୁ ଗଣତନ୍ତ୍ରର ଜନନୀ ଭାବେ ବର୍ଣ୍ଣନା କରି ସ୍ୱାଧୀନତାର ଅମୃତ ମହୋତ୍ସବ ପାଳୁଥିବା ଓ ଦେଶର ନୂଆ ସଂସଦ ଭବନ ଉଦ୍‌ଘାଟନ ସମୟରେ ମହିଳା କୁସ୍ତି ଯୋଦ୍ଧା ମାନଙ୍କ ଉପରେ ଦିଲ୍ଲୀ ପୋଲିସର ଲଜ୍ଜା ଜନକ ଆକ୍ରମଣ ଖୋଦ ଦେଶର ଜନନୀ ମାନଙ୍କ ପ୍ରତି ଆକ୍ରମଣ କହିଲେ ଭୁଲ ହେବ ନାହିଁ। ଯାହାଫଳରେ ବ୍ୟଥିତ ହୋଇ ସେମାନେ ପାଇଥିବା ମେଡ଼ାଲ ଗୁଡ଼ିକୁ ଗଙ୍ଗା ନଦୀରେ ବିସର୍ଜନ କରିବାକୁ ନିଷ୍ପତି ନେଇଛନ୍ତି। ଅପରପକ୍ଷରେ ସେମାନଙ୍କୁ ଦିଲ୍ଲୀ ଯନ୍ତରମନ୍ତରରେ ଆଉ ଧାରଣା ଓ ପ୍ରତିବାଦ କରିବା ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ଦିଲ୍ଲୀ ପୋଲିସ ଖୋଲାଖୋଲି ଧମକ ଦେଇଛି, ଯାହା ଗଣତାନ୍ତ୍ରିକ ଅଧିକାର ଉପରେ ଏକ ନଗ୍ନ ଆକ୍ରମଣ। ଏହି ପରିପ୍ରେକ୍ଷୀରେ ମହିଳା କୁସ୍ତି ଯୋଦ୍ଧା ମାନଙ୍କ ଆନ୍ଦୋଳନକୁ ସଂହତି ଜଣାଇ ସଂଯୁକ୍ତ କୃଷକ ମୋର୍ଚ୍ଚା ଓ ଶ୍ରମିକ ସଂଗଠନ ମାନେ ଆଜି (୧ ଜୁନ, ୨୦୨୩) ଦେଶବ୍ୟାପୀ ପ୍ରତିବାଦ କରିଛନ୍ତି। ମହିଳା କୁସ୍ତି ଯୋଦ୍ଧା ମାନଙ୍କ ଉପରେ ଯୌନ ନିର୍ଯ୍ୟାତନା ଅଭିଯୋଗରେ ଅଭିଯୁକ୍ତ ବିଜେପିର ସାଂସଦ ବ୍ରିଜ ଭୂଷଣ ଶରଣ ସିଂହଙ୍କୁ ତୁରନ୍ତ କୁସ୍ତି ଯୋଦ୍ଧା ମହାସଂଘର ସଭାପତି ପଦବୀରୁ ବହିଷ୍କାର କରିବା, ସର୍ବୋଚ୍ଚ ନ୍ୟାୟାଳୟର ଜଣେ ଅବସରପ୍ରାପ୍ତ ବିଚାରପତଙ୍କ ଦ୍ୱାରା ଏକ ଉଚ୍ଚ ସ୍ତରୀୟ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ ଦଣ୍ଡ ବିଧାନ କରିବା ଅଭିଯୋଗକାରୀଙ୍କ ଏଫ୍.ଆଇ. ଆର ଆଧାରରେ ବ୍ରିଜ ଭୂଷଣ ଶରଣ ସିଂଙ୍କୁ ତୁରନ୍ତ ଗିରଫ କରିବା ଆମ ଦେଶର ସମ୍ମାନ ଗର୍ବ ଓ ଗୌରବ ଜାତୀୟ ମହିଳା କୁସ୍ତିଯୋଦ୍ଧା ମାନଙ୍କୁ ନ୍ୟାୟ ଦେବାକୁ ତଥା ସେମାନଙ୍କ ନ୍ୟାୟ ସଙ୍ଗତ ଆନ୍ଦୋଳନକୁ ସଂହତି ଜଣାଇ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଆୟୋଜନ କରାଯାଇଥିଲା। ବିଜେପି ସରକାରଙ୍କ ମହିଳା ବିରୋଧୀ ଦୋମୁହାଁ ନୀତି ବିରୁଦ୍ଧରେ ଏକଜୁଟ ହେବାକୁ ଓ ମହିଳା କୁସ୍ତି ଯୋଦ୍ଧା ମାନଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇବାକୁ ସେମାନେ ସମସ୍ତ ବର୍ଗର ନାଗରିକମାନଙ୍କୁ ନିବେଦନ କରିଛନ୍ତି। ଆଜିର ଏହି ପ୍ରତିବାଦ ବିକ୍ଷୋଭରେ ସଂଯୁକ୍ତ କୃଷକ ମୋର୍ଚ୍ଚା, ଓଡ଼ିଶା ଓ ଟ୍ରେନ ୟୁନିୟନ ମାନଙ୍କର ମିଳିତ ମଞ୍ଚ (ଜାତୀୟ ଓ ସ୍ୱାଧୀନ ଟ୍ରେଡ଼ ୟୁନିୟନ ସମୂହ) ଓ ଛାତ୍ର ସଂଗଠନର ନେତୃବୃନ୍ଦ ମହେନ୍ଦ୍ର ପରିଡ଼ା, କିଶୋର ଜେନା, ବିଷ୍ଣୁ ମହାନ୍ତି, କ୍ଷୀରୋଧ ସିଂହ ଦେଓ, ନରେନ୍ଦ୍ର ମହାନ୍ତି, ଜୟସେନ ମେହେର, ସୁର ଜେନା, ଅଭିରାମ ବେହେରା, ଜ୍ୟୋତି ରଞ୍ଜନ ମହାପାତ୍ର, ପ୍ରଣତି ମିଶ୍ର, ରାଧାକାନ୍ତ ସେଠୀ, ବିଜୟ ଜେନା, ପରିଲତା ମହାପାତ୍ର, ସତ୍ୟବ୍ରତ ନାୟକ, ବାନାମ୍ବର ବେହେରା, ପ୍ରମିଳା ସଂଘମିତ୍ରା ଜେନା, ପ୍ରଭାକର ପଲେଇ, ସୁଦର୍ଶନ ପ୍ରଧାନ, ନିରଞ୍ଜନର ମହାନ୍ତି, ସ୍ୱସ୍ତି ସଙ୍ଗୀତା ଦଳେଇ, ବୀରେନ୍ଦ୍ର ପ୍ରସାଦ ଦାସ, ଜୟନ୍ତ ଦାସ, ଲେଲିନ୍ କୁମାର ରାଜେନ୍ଦ୍ର ମଲ୍ଲିକ, ରାଜ ନାରାୟଣ ଡାଲୁଆ, ସଂଯୁକ୍ତା ମହଲ, ପ୍ରଦୀପ୍ତ ନାୟକ, ଶରତ ଚନ୍ଦ୍ର ଖୁଂଟିଆ, ମାନସ ଜେନା, ବଂଶୀଧର ପରିଡ଼ା, ବିଶ୍ୱପ୍ରିୟ କାନୁନ୍‌ଗୋ ପ୍ରମୁଖ ନେତୃତ୍ୱ ନେଇଥିଲେ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,

Bhubaneswar, Phone: 0674-2558884, 2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray